## ସଂକ୍ଷେପରେ

### ଓଡ଼ିଶୀନୃତ୍ୟ ଏକାଡେମୀର ବାର୍ଷିକ ଉତ୍ସବ

**ବାଲିକୁଦା,୨୭ା୫(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କାଳିଓ ପଞ୍ଚାୟତ ଆଲିଜଙ୍ଗାସ୍ଥିତ ଓଡ଼ିଶୀ ନୃତ୍ୟ ଏକାଡେମୀର ଚତୁର୍ଥ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ କୈଳାସ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶ୍ରୀନିବାସ ସାମନ୍ତରାୟ, ପବିତ୍ର ମୋହନ ସାଉ ପ୍ରମୁଖ ଯୋଗଦେଇ ଓଡ଼ିଶୀ ନୃତ୍ୟର ମାନ ଓ ଏହାର ଆଦର ସଦା ସର୍ବଦା ରହି ଆସିଛି ଓ ରହିବ ବୋଲି କହିଥିଲେ। ପ୍ରଥମେ କଳାକାରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏକାଡେମୀର ସଭାପତି ତଥା ନୃତ୍ୟଗୁରୁ ନିତ୍ୟାନନ୍ଦ ସେନାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ସନ୍ଧ୍ୟାରେ ଶ୍ରୀନିବାସ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଏକାଡେମୀର କଳାକାଳମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଅଭିଭାବକ ଓ ଦର୍ଶକ ଉପସ୍ଥିତ ରହି କୁନି କୁନି କଳାକାରମାନଙ୍କ କଳା ପ୍ରଦର୍ଶନକୁ ଉପଭୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାଲିତୁଠରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**କୁଜଙ୍ଗ,୨୭ା୫(ସ୍ୱ.ପ୍ର.):** କୁଜଙ୍ଗ ବାଲିତୁଠ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୃତୀ ଛାତ୍ର ପ୍ରତ୍ୟୁଷ କୁମାର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଡ଼କୁଜଙ୍ଗର ପ୍ରଦୀପ ବିଶ୍ୱାଳଙ୍କ ପୁତ୍ର ପ୍ରତ୍ୟୁଷ ଚଳିତବର୍ଷ ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବାନିତ୍ୱ କରିଛନ୍ତି। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ଅଲୀଳ ବେହେରା, ପରିଚାଳନା ସମିତି ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ସଭାପତି ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି ବିଜୟ ବାରିକ, ଯୁଗ୍ମ ସମ୍ପାଦକ ନାରାୟଣ ପାତ୍ର, କୋଷାଧକ୍ଷ ରଞ୍ଜନ ବର୍ଦ୍ଧନ, ବରିଷ୍ଠ ସଦସ୍ୟା ପ୍ରଣତୀ ପଣ୍ଡା, ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ, ପ୍ରଭାବତୀ ନାୟକ, ଅମ୍ବିକା ସାହୁ, ସନ୍ତୋଷ ସାହୁ ପ୍ରମୁଖ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

**ରଘୁନାଥପୁର,୨୭ା୫(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ରେଡୁଆ ମୋହନପୁର ଅଞ୍ଚଳର ସାମାଜିକକର୍ମୀ ପାର୍ବତୀ ରଥଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କର ୩ଝିଅ ଓ ପୁଅ ଚିତ୍ତରଞ୍ଜନ ଉପସ୍ଥିତ ଥିଲେ। ସେ ଜଣେ ନିର୍ଭୀକ ଓ ନାରୀ ଶିକ୍ଷା ପ୍ରତି ସମାଜରେ ସଚେତନତା ସୃଷ୍ଟି କରି ଆସୁଥିଲେ। ଏହା ସହ ପ୍ରତ୍ୟେକ ଲୋକଙ୍କୁ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଉଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ତାଳଦଣ୍ଡାରୁ ପାଣି ନେବେ ୩ ତୈଳ କମ୍ପାନୀ

**ପାରାଦୀପ,୨୭ା୫(ସ୍ୱ.ପ୍ର.)**

ପାରାଦୀପର ବାଉରିଆ ପାଳନ୍ଦାଠାରେ ରହିଛି ୩ଟି ରାଷ୍ଟ୍ରାୟାତ କମ୍ପାନୀର ତୈଳ ଟର୍ମିନାଲ। ସେଗୁଡିକ ହେଲା ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍), ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚପିସିଏଲ) ଓ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ)। ଏହି ୩ ତୈଳ ଟର୍ମିନାଲରେ ଲକ୍ଷାଧିକ ଟନ୍ ଶୋଧିତ ତେଲ ଗଚ୍ଛିତ ହୋଇରହିଛି। ଏଠାରୁ ଓଡ଼ିଶାର ବିଭିନ୍ନ ସ୍ଥାନ ଓ ପଡ଼ୋଶୀ ରାଜ୍ୟକୁ ତେଲ ଟ୍ୟାଙ୍କର ଟ୍ରେନ୍ ଯୋଗେ ପରିବହନ ହୁଏ। ଏହି ତୈଳ ଟର୍ମିନାଲ ବ୍ୟତୀତ ଆଉ ଏକ ଗ୍ୟାସ୍ ଟର୍ମିନାଲ ମଧ୍ୟ ସେହି ସ୍ଥାନରେ ରହିଛି। ଏସବୁ ବିପଦପୂର୍ଣ୍ଣ ଇନ୍ଧନ କାରବାର ସ୍ଥାନରେ ଅଗ୍ନିକ ଭୟ ସବୁବେଳେ ଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଭଳି ଅଗ୍ନିକ ଦୁର୍ଘଟଣା ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ନାହିଁ। ଏଭଳି ତଥ୍ୟ ସମ୍ବଳିତ ଏକ ଖବର ଗତ ମାର୍ଚ୍ଚ ୪ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଉକ୍ତ ଖବର ଆଧାରରେ ଜଗତ୍‌ସିଂହପୁର ଜିଲାପାଳ ଗୁହା ପୁନମ ତାପସ କୁମାର କାରଖାନା ଓ ବାଷ୍ପିତ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବିଭାଗ ଏହାର ତଦନ୍ତ କରିବା ସହ ଜଳ ସଙ୍କଟ ଥିବା ସ୍ପଷ୍ଟ କରିଥିଲେ ଓ ବିକଳ୍ପ ବ୍ୟବସ୍ଥା କରିବାକୁ ୩ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ କହିଛନ୍ତି। ତେଣୁ ତୈଳ କମ୍ପାନୀମାନେ ଜଳସମ୍ପଦ ବିଭାଗ ସହ ଆଲୋଚନା କରି ସ୍ୱତନ୍ତ୍ର ଭାବେ ପାଣି ଯୋଗାଇବାକୁ ଆବେଦନ କରିଥିଲେ। ଗତ ସପ୍ତାହରେ ଜଳ ସମ୍ପଦ ବିଭାଗ ଏନେଇ ଅମାନତ ରାଶି ଜମା କରିବାକୁ ଚିଠି କରିବା ପରେ ତେଲ କମ୍ପାନୀଗୁଡିକ ଅମାନତ ଅର୍ଥ ଟ୍ରେଜେରୀରେ ଜମା କରି ଚାଲାଣ ସଂଗ୍ରହ କରି ଜଳସମ୍ପଦ ବିଭାଗକୁ ଦେଇଛନ୍ତି। ଏହା ପରେ କମ୍ପାନୀଗୁଡିକ ତାଳଦଣ୍ଡା କେନାଲରୁ ପାଣି ନେବାକୁ ଚୁକ୍ତି ହୋଇଛି। ଯେତିକି ପାଣି ନେବେ ତା'ର ମୂଲ୍ୟ ଅଲଗା ଭାବେ ଜଳସମ୍ପଦ ବିଭାଗକୁ ଦେବେ ବୋଲି ସ୍ଥିର ହୋଇଛି। ଆସନ୍ତା ୬ମାସ ମଧ୍ୟରେ ଜଳ ଯୋଗାଣ ହେବ ବୋଲି ବାଷ୍ପିତ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହି ୩ ତେଲ କମ୍ପାନୀ ୨୦୦୩ରୁ ପାରାଦୀପ ବନ୍ଦର ପ୍ରଶାସନଠାରୁ ପାଣି ନେଉଥିଲେ। ବନ୍ଦର ଦୈନିକ ୩ ଏମ୍‌ଜିଟି ଅଶୋଧିତ ପାଣି ନିଜେ ବ୍ୟବହାର କରିବା ସହ ତୈଳ କମ୍ପାନୀକୁ ଦେଇଥାଏ। ୨୦୧୭ ଅକ୍ଟୋବରରେ ତତ୍କାଳୀନ ଜଳସମ୍ପଦ ବିଭାଗ ସଚିବ ବିଶାଳ ଗଗନ ପାଣି ବିକ୍ରି ଉପରେ ସମୀକ୍ଷା କରି ମିଟର ଲଗାଇବାରେ ବ୍ୟାପକ ତ୍ରୁଟି ହୋଇଥିବା ଜାଣିବାକୁ ପାଇଥିଲେ। ଅର୍ଥାତ ପାରାଦୀପ ବନ୍ଦର ଦୈନିକ ୩ ଏମ୍‌ଜିଟି ପାଣି ବଦଳରେ ପ୍ରାୟ ଦୁଇଗୁଣା ପାଣି ନେଉଥିବା ଜଣାପଡିଥିଲା। ସେହି ଅଧିକ ପାଣି ପାଇଁ ଜରିମାନା ଲାଗିବା ପରେ ପାରାଦୀପ ବନ୍ଦର ପାଣି ଯୋଗାଣ କ୍ଷେତ୍ରରେ ଅଙ୍କୁଶ ଲଗାଇଛି। ତେଲ କମ୍ପାନୀକୁ ପାଣି ବନ୍ଦ କରିବା ସହ ସହରାଞ୍ଚଳରେ ଦିନକୁ ଥରେ ପାଣି ଯୋଗାଉଛି। ତେଲ ଟର୍ମିନାଲ ଭଳି ବିପଦପୂର୍ଣ୍ଣ ଅଞ୍ଚଳ ପାଇଁ ପର୍ଯ୍ୟାପ୍ତ ପାଣି ବନ୍ଦ ହେବା ପରେ କମ୍ପାନୀମାନେ ବିକଳ୍ପ ଭାବେ ତୈଳ ବିଶୋଧନାଗାରରୁ ଟ୍ୟାଙ୍କର ଯୋଗେ ପାଣି ଆଣି ଚାହିଦା ମେଣ୍ଟାଉଛନ୍ତି। ମହାନଦୀରେ ଖରାଦିନେ ଯେଭଳି ପାଣି ସଙ୍କଟ ଦେଖାଗଲାଣି, ଆଗାମୀ ଦିନରେ ପାରାଦୀପରେ ଭୟଙ୍କର ଜଳାଭାବ ଦେଖାଦେବ ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଜଣେ ଯନ୍ତ୍ରୀ କହିଛନ୍ତି। ତେଣୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

**ନିଆଁ ଲିଭାଇବାକୁ ଜଳାଭାବ**



ତାଳଦଣ୍ଡା କେନାଲ।

- ■ରାଜ୍ୟ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର
- ■ଚାଲାଣ ଡିପୋଜିଟ୍ ସରିଛି, ୬ ମାସରେ ଜଳ ଯୋଗାଣ

## କୁଶଳୀ ବିଦ୍ୟୁତ୍ କାରିଗରଙ୍କୁ ସମ୍ବର୍ଦ୍ଧନା



ବିଦ୍ୟୁତ୍ ବିଭାଗ ଓ ଏନ୍‌ଜେନ୍‌ର ଅଧିକାରୀମାନଙ୍କ ସହ ସମ୍ବର୍ଦ୍ଧିତ କୁଶଳୀ କାରିଗର।

**ବିରିଡ଼ି,୨୭ା୫(ଡି.ଏନ୍.ଏ.)**

ଫନୀ ପ୍ରଭାବରେ ବିରିଡ଼ି ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ୧୮ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ବହୁ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିବା ସହ ତାର ଛିଡ଼ିଯାଇଥିଲା। ଫଳରେ ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନ୍‌ଜେଏନ୍ କମ୍ପାନୀ ସମ୍ବଲପୁର ଓ ବାରିପଦାରୁ ବିଦ୍ୟୁତ୍ କାମ ଜାଣିଥିବା କୁଶଳୀ କାରିଗରମାନଙ୍କୁ ଆଣି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ କରିଥିଲା। ଏହି କାରିଗରମାନେ ୧୨ ପଞ୍ଚାୟତରେ ୨୩ ଦିନ ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଇ ପାରିଛନ୍ତି। ତେଣୁ ସୋମବାର ଏନ୍‌ଜେଏନ୍ କମ୍ପାନୀର ପଦସ୍ଥ ଅଧିକାରୀମାନେ ପ୍ରଚଣ୍ଡ ଖରାରେ କାମ କରିଥିବା ୧୮ଜଣ କୁଶଳୀ କାରିଗରଙ୍କୁ ପ୍ରମାଣପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ବିରିଡ଼ି ଆରଡି ବିଭାଗ ଆଇବିଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କମ୍ପାନୀର ସିନିୟର ପ୍ରିନ୍ସପାଲ କନ୍‌ସଲ୍‌ଟାଣ୍ଟ ଫାରୁଖ ଗରାରୀ, ଫାଇନାନ୍ସିଆଲ ହେଡ୍ ଅବିନାଶ ମିଶ୍ର, ଷ୍ଟେଶନ ହେଡ୍ ପାର୍ଥ ସାରଥି ରାଉତ, ବିବେକ ପଟେଲ ଓ ଜଗତ୍‌ସିଂହପୁର ପ୍ରୋଜେକ୍ଟ ମ୍ୟାନେଜର ଜ୍ଞାନରଞ୍ଜନ ସାହୁ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ୧୮ ପଞ୍ଚାୟତରେ ୮ଶହ ବିଦ୍ୟୁତ୍ ଖୁଣ୍ଟ ଲାଗିଛି ବୋଲି ପ୍ରେଜେକ୍ଟ ମ୍ୟାନେଜର ସାହୁ କହିଛନ୍ତି। ୨୨ ମୌଜାର ଅବଶିଷ୍ଟ ୬ ପଞ୍ଚାୟତର କାର୍ଯ୍ୟ ବୁଧବାର ସୁଧା ସରିବ ବୋଲି ସେ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ

**ନରସିଂହପୁର,୨୭ା୫(ଡି.ଏନ.ଏ.)**

ନରସିଂହପୁର ଥାନା ଅର୍ନ୍ତଗତ ନୂଆପଡା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ପବିତ୍ର ମୋହନ ଦେବତା(୪୫)। ରବିବାର ବିଳମ୍ବିତ ରାତ୍ରିରେ ଘର ପଙ୍ଖାରେ ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସମୟରେ ତାଙ୍କଠାରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ସେ ଅଚେତ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନରସିଂହପୁର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ-୨/୧୯ ରୁଜୁ ହୋଇଛି।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ରଜ ମହୋତ୍ସବ କମିଟିର କର୍ମକର୍ତ୍ତା।

**ବିରିଡ଼ି,୨୭ା୫(ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ମଇଁଦପୁର-କମଳପୁରଠାରେ ଥିବା ଜନାର୍ଦ୍ଦନ ଶିଶୁ ଉଦ୍ୟାନ ପରିଚାଳନା କମିଟିପକ୍ଷରୁରବିବାରଶିଶୁଉଦ୍ୟାନଠାରେ ତୃତୀୟ ବାର୍ଷିକ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ସଭାପତି ବିଶ୍ୱଜିତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କମିଟି ଅଧକ୍ଷ ଡା.ଶୁଭ କୁମାର ଦାଶ ଯୋଗ ଦେଇଥିଲେ। ଚଳିତବର୍ଷ ରଜ ମହୋତ୍ସବରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ, କବାଡ଼ି, ହୁଳହୁଳି, ପୋଡ଼ପିଠା, ପାନଭଙ୍ଗା ପ୍ରତିଯୋଗିତା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ୨୨ ମୌଜା ଅଞ୍ଚଳର ପ୍ରତ୍ୟେକ ଗ୍ରାମରୁ ବହୁ ଲୋକ ଯୋଗଦେବାକୁ ଥିବାରୁ ବ୍ୟାପକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ସତ୍ୟ ପଟ୍ଟନାୟକ, ମନୋଜ ଭୋଇ, ବୈଦ୍ୟନାଥ ବେହେରା, ଆକାଶ ଦାସ, କୁନୁଆ ମଲିକ, ପିଙ୍କୁଲ ପଟ୍ଟନାୟକ, ସୁବ୍ରତ ରାଉତ, ପ୍ରଶାନ୍ତ ବେହେରା, ବ୍ରଜକିଶୋର ବେହେରା, ହିମାଂଶୁ ଦାଶ, ସାଗର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ ଭୋଇ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ତାର ଟାଣିବାକୁ ନେଇ ରାସ୍ତାରୋକୋ

**ବିରିଡ଼ି,୨୭ା୫(ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ତଳପାଟକ-ନୂଆଢଣା ୧୧ କେଭି ବିଦ୍ୟୁତ୍ ଲାଇନ ତାର ଟାଣିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ନୂଆଢଣା ବସ୍ତିର ଉପଭୋକ୍ତାମାନେ ପୁରୁଣା ରାସ୍ତାରେ ଖୁଣ୍ଟ ପକାଇ ତାର ଟାଣିବାକୁ କହୁଥିବାବେଳେ ତଳପାଟକର ଲୋକମାନେ ନୂଆ ରାସ୍ତା ଉପରେ ଖୁଣ୍ଟ ପୋତି ତାର ଟାଣିବା ପାଇଁ ଜିଦ୍ କରୁଛନ୍ତି। ଏହାକୁ ନେଇ ଦୁଇ ବସ୍ତିର ଲୋକେ ମୁହାଁମୁହିଁ ହୋଇଥିଲେ। ଏପରିକି ତଳପାଟକ ବସ୍ତିର ଲୋକମାନେ କନ୍ଦରପୁର-ମାଛଗାଁ ରାସ୍ତାକୁ ପଣ୍ଡିଆଠାରେ ଦୀର୍ଘ ୨ଘଣ୍ଟା ଧରି ଅବରୋଧ କରିଥିଲେ। ଖବରପାଇ ଜଗତ୍‌ସିଂହପୁର ବିଦ୍ୟୁତ୍ ଡିଭିଜନର ସହକାରୀ ସାଧାରଣ ପରିଚାଳକ ଜଗଦିଶ ସାହୁ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ସେ କହିଲେ ଯେ ନୂଆ ରାସ୍ତାରେ ଖୁଣ୍ଟ ପକାଇ ତାର ଟଣାଯିବା ସହଜ ନୁହେଁ। ତେଣୁ ପୁରୁଣା ରାସ୍ତାରେ କାମ କରିବାକୁ ଛାଡ଼ିବା ପାଇଁ ସେ ଗ୍ରାମବାସୀଙ୍କୁ କହିଥିଲେ। ଏହା ନ ହେଲେ ବିଦ୍ୟୁତ ସରବରାହ ସ୍ୱାଭାବିକ ହେବନାହିଁ ବୋଲି କହିବା ପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ବିରିଡ଼ି ବ୍ଲକ ତଳପାଟକ-ନୂଆଢଣା ବିଦ୍ୟୁତ୍ ଲାଇନ ତାର ଟାଣିବାକୁ ନେଇ କନ୍ଦରପୁର-ମାଛଗାଁ ରାସ୍ତା ଅବରୋଧ କରିଥିବା ଗ୍ରାମବାସୀ।

## ଅବକାରୀ ଚଢ଼ାଉ, ୫ ଗିରଫ

**ଆଠଗଡ଼,୨୭ା୫(ସ୍ୱ.ପ୍ର.)**

ଆଠଗଡ଼ ଅବକାରୀ ବିଭାଗ ଏବଂ କଟକ ଜିଲା ଅବକାରୀ ଭ୍ରାମ୍ୟମାଣ ସ୍କ୍ୱାଡ୍ ମିଳିତଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ମଦ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଘଣ୍ଟିଖାଲର କିଚକ ନାଏକ, ଶବରସାହିର ସଦାନନ୍ଦ ସ୍ୱାଇଁ, ଖୁଣ୍ଟୁଣୀର ଜାପାନୀ ନାଏକ, ହରଶ ନାଏକ ଓ କନ୍ତୋଲ ଅଞ୍ଚଳର ରବି ନାଏକ। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ଚୋରା ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ସଞ୍ଜୀତ ବାର୍ଲା, ନିରୀକ୍ଷକ ପ୍ରବୀର ସାମଲ ଓ ଆଠଗଡ଼ ସହକାରୀ ନିରୀକ୍ଷକ ବିଜୟ ଭଞ୍ଜଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ରାମକଥା ପ୍ରବଚନ ଉଦ୍‌ଯାପିତ



ରାମକଥା ପ୍ରବଚନରେ ଉପସ୍ଥିତ ପ୍ରବକ୍ତା ଓ ଅନ୍ୟମାନେ।

**ବିରିଡ଼ି,୨୭ା୫(ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ବାଲିଆ ଗୋପୀନାଥପୁର ଗ୍ରାମର ମା'ଦୁର୍ଗାଙ୍କ ପ୍ରାଙ୍ଗଣରେ ଚାଲିଥିବା ଅଷ୍ଟମ ବାର୍ଷିକ ଶ୍ରୀରାମକଥା ପ୍ରବଚନ ରବିବାର ଉଦ୍‌ଯାପିତ ହୋଇଛି। ଏହା ଗତ ୧୮ ତାରିଖରେ ଆରମ୍ଭ ହୋଇଥିଲା। ପଣ୍ଡିତ ରବିନାରାୟଣ ପଣ୍ଡା, ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଉପଦେଷ୍ଟା ଆଶୀର୍ବାଦ ମହାରାଜ, ପଣ୍ଡିତ ରବିନାରାୟଣ ହୋତା ପ୍ରମୁଖ ପ୍ରବଚନ ଦେଇଥିଲେ। ଉଦ୍‌ଯାପନ ଦିବସ ପ୍ରେମାଚାର୍ଯ୍ୟ ବାବା ମଧୁସୁଦନଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବରେ ଗୁରୁକଳ୍ପ ବାବା ଦାମୋଦର ଦାସ ମହାରାଜ, ବିଷ୍ଣୁପଦ ଦାଶ, ଶପଥ ମହାପାତ୍ର, ଶ୍ରୀକାନ୍ତ, ବିନିମା ପ୍ରମୁଖ ଯୋଗ ଦେଇଥିଲେ। କବି ରମାକାନ୍ତ ନାୟକଙ୍କ ସଞ୍ଚାଳନାରେ କବି ମାଗୁଣି ଚରଣ ଭୋଇ, ଖଗେଶ୍ୱର ମହାରଣା, ପ୍ରିୟତମା ସାହୁ, ବାମଦେବ ସ୍ୱାଇଁଙ୍କ ଦ୍ୱାରା କବିତା ଆବୃତ୍ତି କରାଯାଇଥିଲା। ତତ୍‌ସହିତ ହନୁମାନଚାଳିଶା ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ପରିଚାଳନା କରିଥିଲେ।

# କଂଗ୍ରେସକୁ ପଛରେ ପକାଇଲା ଭାଜପା

**ଜଗତ୍‌ସିଂହପୁର ଅଫିସ,୨୭ା୫**

**ଜଗତ୍‌ସିଂହପୁର ଲୋକ ସଭା ଆସନ**

- ■ସବୁ ନିର୍ବାଚନମଣ୍ଡଳୀରେ ବିଜେଡିକୁ ଅଧିକ ଭୋଟ୍
- ■ବାଲିକୁଦା-ଏରସମା ଓ ଜଗତ୍‌ସିଂହପୁରରେ କଂଗ୍ରେସ ଦ୍ୱିତୀୟ

୨୦୧୯ ନିର୍ବାଚନରେ ଜଗତ୍‌ସିଂହପୁର ଲୋକସଭା ଆସନ ପାଇଁ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ ବୋଲି ଯେଉଁ ଆକଳନ କରାଯାଇଥିଲା ତାହା ଭୁଲ ପ୍ରମାଣିତ ହୋଇଛି। ବିଜେଡି ପୂର୍ବବତ୍ ସ୍ଥିତି ବଜାୟ ରଖିଥିବା ବେଳେ କଂଗ୍ରେସକୁ ପଛରେ ପକାଇ ଭାଜପା ଦ୍ୱିତୀୟ ସ୍ଥାନକୁ ଉଠିଛି, ଯାହାକି ଏହି ନିର୍ବାଚନମଣ୍ଡଳୀ ଇତିହାସରେ ପ୍ରଥମ। ଏହି ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭା ଆସନ ମଧ୍ୟରୁ କେବଳ ବାଲିକୁଦା-ଏରସମା ଓ ଜଗତ୍‌ସିଂହପୁର ଆସନରେ କଂଗ୍ରେସ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇଛି। ଅବଶିଷ୍ଟ ୫ଟିରେ ବିଜେଡି-ଭାଜପା ମଧ୍ୟରେ ଲଢେଇ ହୋଇଛି। ଏଥିରୁ ସ୍ପଷ୍ଟ ଯେ, ଭାଜପା ଶକ୍ତି ବୃଦ୍ଧି କରିବା ସହ ଆଗକୁ ବଢୁଛି। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ କେବଳ ହାରିନାହାନ୍ତି, କଂଗ୍ରେସ ସଙ୍ଗଠନକୁ ପୂର୍ବ ସ୍ଥିତିରେ ରଖିବାକୁ ମଧ୍ୟ ସକ୍ଷମ ହୋଇନାହାନ୍ତି। ପରିଣାମ ସ୍ୱରୂପ ସେ ନିଜେ ୯ ହଜାର ଭୋଟ୍ ବ୍ୟବଧାନରେ ହାରିଥିବାବେଳେ ଏଠାରୁ ଏମ୍‌ପି ପ୍ରାର୍ଥୀ ପ୍ରତିମା ମଲ୍ଲିକ ପାଖାପାଖି ୧୮,୦୦୦ କମ ଭୋଟ ପାଇଛନ୍ତି।

ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର, ପାରାଦୀପ, ବାଲିକୁଦା-ଏରସମା, ତିର୍ତ୍ତୋଲ ସମେତ କଟକ ଜିଲାର ନିଆଳି, ପୁରୀ ଜିଲାର କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ କୁଳମଣୀ ସାମଲ ଏମ୍‌ପି ହେବାର ଗୌରବ ହାସଲ କରିଥିଲେ। ସେତେବେଳେ ତାଙ୍କ ସହ କଂଗ୍ରେସର ବିଭୂ ପ୍ରସାଦ ତରାଇ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସାମଲଙ୍କୁ ୬,୨୪,୪୯୨ ଓ ତରାଇଙ୍କୁ ୩,୪୮,୦୯୮ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ ୧,୧୭,୪୪୮ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ବିଜେଡି-କଂଗ୍ରେସ ମଧ୍ୟରେ ବ୍ୟବଧାନ ୨,୭୬,୩୯୪ ଥିଲା। ୨୦୧୯ରେ କିନ୍ତୁ ସାମଲଙ୍କ ସ୍ଥାନରେ ରାଜଶ୍ରୀ ମଲ୍ଲିକ ବିଜେଡି ପ୍ରାର୍ଥୀ ହୋଇଥିଲେ। ତରାଇ କଂଗ୍ରେସ ଛାଡି ଭାଜପାରୁ ପ୍ରାର୍ଥୀ ହେଲେ। ତେଣୁ କଂଗ୍ରେସ ପ୍ରତିମା ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡି ସପକ୍ଷରେ ୬,୧୯,୯୮୫ ଅର୍ଥାତ୍ ମୋଟ ମତଦାନର ୫୦.୪୪% ଭୋଟ ଯାଇଛି। ସେହିପରି ଭାଜପା ସପକ୍ଷରେ ୩,୪୮,୩୩୦ ଅଥବା ମୋଟ ମତଦାନର ୨୮.୩୪% ଓ କଂଗ୍ରେସକୁ ୨,୩୯,୬୮୪ ଅର୍ଥାତ୍ ୧୯.୫% ଭୋଟ ମିଳିଛି। ଏଥିରୁ ସ୍ପଷ୍ଟ ଯେ ବିଜେଡି ଭୋଟ ବଢିନି। ବରଂ ଗତ ନିର୍ବାଚନ ତୁଳନାରେ ୪,୫୦୭ ଭୋଟ କମିଛି। ଭାଜପା ଭୋଟ ଗତଥରଠାରୁ ୨,୩୦,୮୮୨ ବଢି ୩,୪୮,୩୩୦ରେ ପହଞ୍ଚିଛି। କଂଗ୍ରେସ ଭୋଟ କିନ୍ତୁ ଆଶାତୀତ ଭାବେ ଖସିଛି। ଗତଥରଠାରୁ ୧,୦୮,୪୧୪ କମି ୨,୩୯,୬୮୪ରେ ପହଞ୍ଚିଛି । ବିଜେଡି ଓ ଭାଜପା ମଧ୍ୟରେ ବ୍ୟବଧାନ ୨,୭୧,୬୫୫ ରହିଛି, ଯାହାକି ଗତଥରଠାରୁ ୪,୭୩୯ କମ।

ବିଧାନସଭା ନିର୍ବାଚନମଣ୍ଡଳୀ ଅନୁଯାୟୀ ସମୀକ୍ଷା କଲେ ଜଣାଯାଏ ଏଥର ନିଆଳିରୁ ବିଜେଡି ଏମ୍‌ପି ପ୍ରାର୍ଥୀଙ୍କୁ ୯୬,୨୩୪, ଭାଜପା ପ୍ରାର୍ଥୀଙ୍କୁ ୬୬,୯୫୪ ଓ କଂଗ୍ରେସ ପ୍ରାର୍ଥୀଙ୍କୁ ମାତ୍ର ୧୨,୭୪୭ ଭୋଟ ମିଳିଛି। ଏହି ନିର୍ବାଚନମଣ୍ଡଳୀରେ ବିଜେଡି-ଭାଜପା ମଧ୍ୟରେ ବ୍ୟବଧାନ ୨୯,୨୮୦ ରହିଛି। ସେହିପରି ପାରାଦୀପରେ ବିଜେଡି ୭୬,୨୭୮, ଭାଜପା ୪୨,୬୨୪ ଓ କଂଗ୍ରେସ ସପକ୍ଷରେ ୩୫,୨୨୨ ଭୋଟ ଯାଇଛି। ଏଥିରେ ବିଜେଡି-ଭାଜପା ବ୍ୟବଧାନ ୩୩,୬୫୪ ରହିଛି। ତିର୍ତ୍ତୋଲରେ ବିଜେଡି ୯୫,୮୫୦, ଭାଜପା ୫୦,୦୨୮ ଓ କଂଗ୍ରେସ ପ୍ରାର୍ଥୀଙ୍କୁ ୨୬,୨୨୭ ଭୋଟ ମିଳିଛି। ବିଜେଡି-ଭାଜପା ବ୍ୟବଧାନ ୪୫,୮୨୨ ଥିବା ଜଣାଯାଇଛି। ବାଲିକୁଦା-ଏରସମାରୁ ବିଜେଡି ୧,୦୦,୦୨୭, ଭାଜପା ୪୪,୩୩୪ ଓ କଂଗ୍ରେସକୁ ୪୬,୦୫୦ ଭୋଟ ମିଳିପାରିଛି। ଏହି ନିର୍ବାଚନମଣ୍ଡଳୀରେ ବିଜେଡି-କଂଗ୍ରେସ ବ୍ୟବଧାନ ୫୩,୯୭୭ ରହିଛି। ଜଗତ୍‌ସିଂହପୁରରେ ବିଜେଡି ୭୧,୬୬୬, ଭାଜପା ୩୫,୬୬୧ ଓ କଂଗ୍ରେସ ସପକ୍ଷରେ ୫୨,୯୩୬ ଖଣ୍ଡ ଭୋଟ ଯାଇଛି । ବିଜେଡି-କଂଗ୍ରେସ ବ୍ୟବଧାନ ୧୮,୭୩୦ ଖଣ୍ଡ ରହିଛି। କାକଟପୁରରୁ ବିଜେଡି ୯୦,୧୪୨, ଭାଜପା ୪୦,୨୦୦ ଓ କଂଗ୍ରେସକୁ ୩୮,୭୦୬ ମିଳିଛି। ଏଥିରେ ବିଜେଡି-ଭାଜପା ବ୍ୟବଧାନ ୪୯,୯୪୨ ରହିଛି। ନିମାପଡ଼ାରେ ବିଜେଡକୁ ୮୮,୭୫୮, ଭାଜପା ୬୬,୫୯୭ ଓ କଂଗ୍ରେସ ସପକ୍ଷରେ ୨୭,୨୨୬ ଭୋଟ ଯାଇଛି । ଅର୍ଥାତ୍ ବିଜେଡି-ଭାଜପା ବ୍ୟବଧାନ ୨୨,୧୬୧ ରହିଛି। ମୋଟ ଉପରେ ଏମ୍‌ପି ସିଟ୍‌ରେ ଏହି ୩ ଦଳର ପ୍ରାର୍ଥୀଙ୍କ ସମେତ ଅନ୍ୟ ୬ ଜଣଙ୍କ ସପକ୍ଷରେ ୧୨,୧୯,୫୭୩ ଭୋଟ ଯାଇଥିଲା। ୬,୦୪୨ ଭୋଟ୍ ନୋଟାରେ ଯାଇଛି। ମୋଟ ଉପରେ ୧୨,୨୫,୬୧୫ ଜଣ ମତଦାନ କରିଥିଲେ। ଏଥିରୁ ଜଣାଯାଏ କଂଗ୍ରେସ ନେତୃତ୍ୱ ସଙ୍ଗଠନ ବଞ୍ଚାଇବାରେ ଆନ୍ତରିକତା ପ୍ରକାଶ କରିନାହାନ୍ତି କିମ୍ବା ଉପଯୁକ୍ତ ପ୍ରାର୍ଥୀ ଦେଇନାହାନ୍ତି। ତେଣୁ ଆଗକୁ କଂଗ୍ରେସକୁ ସ୍ଥିତି ସୁଧାରିବା ଯେ ସହଜ ହେବନି ତାହା ନିଶ୍ଚିତ।

## ସଂକ୍ଷେପରେ

### ପାରାଦୀପ ଶିଳ୍ପାଞ୍ଚଳ ପ୍ରଦୂଷଣ ରୋକିବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୨୭।୫:** ପାରାଦୀପ ଶିଳ୍ପାଞ୍ଚଳ ପ୍ରଦୂଷଣ କେନ୍ଦ୍ରାପଡା ଅଧିବାସୀଙ୍କୁ ଅତିଷ୍ଠ କରୁଛି । ବାରମ୍ବାର ବିଷାକ୍ତ ଗ୍ୟାସ ଏହି ଶିଳ୍ପାଞ୍ଚଳରୁ ଛଡା ଯାଉଥିବା ବେଳେ ଜିଲାବାସୀଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଏହି ପ୍ରଦୂଷଣକୁ ରୋକିବା ସହ କ୍ଷତିପୂରଣ ଦାବି କରି କେନ୍ଦ୍ରାପଡା ଜିଲା ଗଣସଂଗ୍ରାମ ସମିତି ପକ୍ଷରୁ ଏକ ଦାବିପତ୍ର ଏଡିଏମ ବସନ୍ତ କୁମାର ରାଉତଙ୍କୁ ସୋମବାର ପ୍ରଦାନ କରାଯାଇଛି । ଏସମ୍ପର୍କରେ ସମିତି କର୍ମକର୍ତ୍ତା ରମଣୀ ରଞ୍ଜନ ରାଉତରାୟ, ବିଚିତ୍ରକୁମାର ମଲ୍ଲ ସୂଚନା ଦେଇଛନ୍ତିଯେ, ଜଗତସିଂହପୁର ଜିଲାର ଶିଳ୍ପ କେନ୍ଦ୍ରାପଡାର ବହୁ କ୍ଷତି ଘଟାଇଛି। ଏହି ଶିଳ୍ପରୁ ନିର୍ଗତ ବିଷାକ୍ତ ଧୂଆଁ ମଧାହ୍ନରେ ଜିଲାର ସମସ୍ତ ଅଞ୍ଚଳରେ ଖେଳିଯିବାରୁ ସ୍ଥାନୀୟ ଲୋକଙ୍କୁ ନିଃଶ୍ୱାସ ନେବାରେ କଷ୍ଟ ହୋଇଥିଲା। ପୂର୍ବରୁ ଏପରିସ୍ଥିତି ବହୁବାର ଆସିଥିଲେ ମଧ ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ମହାନଦୀ ଜଳକୁ ଛଡାଯାଉଛି । ଫଳରେ ମହାକାଳପଡାବାସୀ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ କ୍ୟାନ୍ସର ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି । ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମିତିର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

■ ଚୁପ୍ ବସିଛି ପ୍ରଶାସନ

# ବିପଜ୍ଜନକ ଅବସ୍ଥାରେ ନୌପରିବହନ

■ ବିନା ଲାଇଫ ଜ୍ୟାକେଟ୍‌ରେ ଡଙ୍ଗାରେ ଚଢୁଛନ୍ତି ପର୍ଯ୍ୟଟକ
■ ୬୦ରୁ ଊର୍ଦ୍ଧ୍ୱ ବୋଟର ଫିଟନେସ ନାହିଁ
■ କାର୍ଯ୍ୟକାରୀ ହେଉନାହିଁ ୨୦୦୪ ବୋଟ ରୁଲ୍ସ

**କେନ୍ଦ୍ରାପଡା ଅଫିସ, ୨୭।୫**

କେନ୍ଦ୍ରାପଡା ହୁକିଟୋଲା ଡଙ୍ଗାବୁଡି ଘଟଣା ପରେବି ପ୍ରଶାସନର ଏବେବି ଚେତା ପଶିନି। ଏଠାକାର ପର୍ଯ୍ୟଟନସ୍ଥଳୀ ଗୁଡିକରେ ଏବେବି ବିପଦଜ୍ଜନକ ଭାବେ ନୌପରିବହନ ହେଉଛି। ବିନା ଲାଇଫ ଜ୍ୟାକେଟ୍‌ରେ ଯାତ୍ରୀମାନେ ନୌପରିବହନ କରୁଥିବାରୁ ଆଗାମୀ ଦିନରେ କୌଣସି ଅଘଟଣକୁ ଏଡ଼ାଇ ଦେଇହେବନି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଜାନୁଆରୀ ପ୍ରଥମ ସପ୍ତାହରେ ହୁକିଟୋଲାରୁ ଫେରୁଥିବା ଏକ ଡଙ୍ଗା ଓଲଟି ପଡ଼ିବାରୁ ୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ଏବେବି କେନ୍ଦ୍ରାପଡାବାସୀଙ୍କ ମନରୁ ଲିଭି ନାହିଁ। ଏହାସତ୍ତ୍ୱେ ଜିଲାକୁ ଆସୁଥିବା ପର୍ଯ୍ୟଟକ ମଧ୍ୟରେ ସଚେତନତା ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ। ପର୍ଯ୍ୟଟକମାନେ ଜାତୀୟଉଦ୍ୟାନ ଅନ୍ତର୍ଗତ ଭିତରକନିକା ସମେତ ହୁକିଟୋଲା, ହାବଲିଖଟି, ବଟୀଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ନୌକାରେ ବିପଦଜ୍ଜନକ ଭାବେ ଯାତାୟାତ କରୁଛନ୍ତି। ରାଜ୍ୟ ସରକାରଙ୍କ ୨୦୦୪ ବୋଟ ରୁଲ୍ସ ଏଠାରେ କାର୍ଯ୍ୟକାରୀ ହେଉ ନଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

ଜିଲା ପ୍ରଶାସନ ଡଙ୍ଗା ଚାଳନା ସମୟରେ ଥିବା ତ୍ରୁଟିକୁ ସମୀକ୍ଷା କରିଥିଲେ ମଧ୍ୟ ବିନା ଲାଇଫ ଜ୍ୟାକେଟରେ ପର୍ଯ୍ୟଟକଙ୍କ ଡଙ୍ଗାରେ ଚଢୁଛନ୍ତି । ଫଳରେ ନୌପରିବହନ ବିପଦର ଆଶଙ୍କା ରହିଛି। ଏ ସମ୍ପର୍କରେ ସାମାଜିକ କର୍ମୀ ଅମିତାଭ ଚାନ୍ଦ କୁହନ୍ତି, ଏଠାରେ ରାଜ୍ୟ ସରକାରଙ୍କ ବୋଟ ରୁଲ୍ସର ଖୋଲା ଉଲ୍ଲଂଘନ କରାଯାଇଛି। ଅଧିକାଂଶ ବୋଟ ଓ ଚାଳକଙ୍କ ବୀମା ପରିସରଭୁକ୍ତ ନୁହନ୍ତି। ଏପରିକି ବୋଟର ଫିଟନେସ ନ ଥାଇ ପର୍ଯ୍ୟଟକମାନେ ଓ ଯାତ୍ରୀ ପରିବହନ କରୁଛନ୍ତି । ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବୋଟ ଜାତୀୟ ଉଦ୍ୟାନ ମଧ୍ୟରେ ବିନା ଫିଟନେସରେ ଚାଲୁଛି ବୋଲି ସେ ଦର୍ଶାଇଛନ୍ତି । ରାଜନଗର ବ୍ଲକ ଅନ୍ତର୍ଗତ ଗୁପ୍ତିର ନରେନ୍ଦ୍ର ସାହୁ କୁହନ୍ତିଯେ, ଜାତୀୟ ଉଦ୍ୟାନ ମଧରେ ୧୭୦୦ରୁ ଊର୍ଦ୍ଧ୍ୱ ଲୁଣା କୁମ୍ଭୀର ବସବାସ କରୁଛନ୍ତି । ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଲା, ଜୟନଗର, ଖରିନାସୀ, ବାହାକୁଦ ଓ ଜମ୍ବୁ ଆଦି ଅଞ୍ଚଳରୁ ବୋଟଗୁଡିକ ଯାତୟାତ କରନ୍ତି। ମାତ୍ର ଏହାକୁ ଚାଳନା କରୁଥିବା ଅଧିକାଂଶ ଚାଳକ ଅନଭିଜ୍ଞ ଓ ନାବାଳକ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏଥିସହ ସେ ଦର୍ଶାଇଛନ୍ତିଯେ, ନୌକା ଦୁର୍ଘଟଣା ଓ ଜୀବନ ଯିବା ଏଠାରେ ଏକ ସାଧାରଣ ଘଟଣା ହୋଇଯାଇଛି । ୧୪ ବର୍ଷ ପୂର୍ବରୁ ମହାନଦୀ ମଧ ଦେଇ ବାହାକୁଦ ଘାଟରୁ ଆସିଥିବା ସ୍ଥାନୀୟ ଅଞ୍ଚଳର ୧୩ ଜଣ ସ୍ଥାନୀୟ କ୍ରିକେଟ ଖେଳାଳିଙ୍କ ଡଙ୍ଗା ବୁଡିଯିବାରୁ ମୃତ୍ୟୁ ଘଟିଥିଲା । ଡଙ୍ଗାରେ ଅଧିକ ଲୋକ ଚଢ଼ିଥିବା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ମାତ୍ର ଏହାସତ୍ତ୍ୱେ ଚାଳକମାନେ ସତର୍କ ହୋଇ ନାହାନ୍ତି। ଅଧିକ ଲାଭ ଆଶାରେ ଚାଳକମାନେ ଡଙ୍ଗାରେ ଅଧିକ ଲୋକ ଚଢ଼ାଉଛନ୍ତି। ସେହିପରି ମହାକାଳପଡାର ବିଭୂତି ରାଉତଙ୍କ କହିବାନୁସାରେ ସେତୁ ନିର୍ମାଣ ହେଉ ନ ଥିବାରୁ ଡଙ୍ଗା ଅଥବା ବୋଟରେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନେ ଯିବା ପାଇଁ ବାଧ ହେଉଛନ୍ତି। ବହାକୁଦ ଓ ଖରିନାସୀ ସେତୁ ଏବେ ମଧ ଲୋକଙ୍କ ପାଇଁ ସ୍ୱପ୍ନ ହୋଇଥିବା ସେ ପ୍ରକାଶ କରିଛନ୍ତି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀ କୂଳରେ ବସବାସ ବହୁ ପରିବାର ପ୍ରତିଦିନ ଦେଶୀ ଡଙ୍ଗାରେ ଯାଆସ କରୁଥିଲେ ମଧ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଦାରଖ ହେଉନାହିଁ। ଏ ସମ୍ପର୍କରେ ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତିଯେ, ଜାତୀୟ ଉଦ୍ୟାନ ମଧରେ ଥିବା ବୋଟ ଓ ଚାଳକଙ୍କ ବୀମା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତିଯେ, ଦେଶୀ ଡଙ୍ଗା ଓ ବୋଟ ଚାଳକଙ୍କୁ ଏନେଇ ସଚେତନ କରାଯାଉଛି । ନିୟମ ବହିର୍ଭୂତ କୌଣସି ଡଙ୍ଗା ଅଥବା ବୋଟ ନଦୀରେ ଯାତାୟତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଇଭିଏମ୍ ଟାମ୍ପରିଂ ଅଭିଯୋଗ

■ ନିର୍ବାଚନ ଅଧିକାରୀଙ୍କୁ ଭେଟିବେ ଅଲେଖ

**କେନ୍ଦ୍ରାପଡା ଅଫିସ, ୨୭।୫**

**ରାଜନଗର ନିର୍ବାଚନ ମଣ୍ଡଳୀ**

ନିର୍ବାଚନରେ ଜିତିବା ପାଇଁ ଇଭିଏମ୍ ଟାମ୍ପରିଂ କରାଯାଇଛି ବୋଲି ରାଜନଗର ଭାଜପା ପ୍ରାର୍ଥୀ ଅଲେଖ କୁମାର ଜେନା ଅଭିଯୋଗ କରିଛନ୍ତି। ଏନେଇ ଗଣତି ସମୟରେ ରିଟର୍ନିଂ ଅଫସରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଥିପାଇଁ ସେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି ସୋମବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ନିର୍ବାଚନରେ ବିଜେଡି ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କଠାରୁ ୧୮,୫୦୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ତେବେ ଗଣତି ସମୟରେ ଜଣାପଡିଛି ଯେ, ହାତିନା ପଞ୍ଚାୟତର ୭୮ ନଂ ବୁଥରେ ଧ୍ରୁବ ଖଣ୍ଡିଏ ଭୋଟ ପାଇ ନାହାନ୍ତି । ଏହାଛଡା ୭୭ନଂ ବୁଥରେ ୨୫୭ ଖଣ୍ଡ ଭୋଟ ପାଇଛନ୍ତି । ୭୮ ନଂ ବୁଥରେ ବିଜେଡି ସମର୍ଥିତ ସରପଞ୍ଚ ଥିବାରୁ ଭୋଟ ନ ମିଳିବା ମନରେ ସନ୍ଦେହ ଘନୀଭୂତ କରିଛି ବୋଲି ସେ କହିଛନ୍ତି। ସେହିପରି ୧୧୫ ନଂ ବୁଥରେ ଧ୍ରୁବ ୨୦୦ ଖଣ୍ଡ ଭୋଟ ପାଇଥିବା ବେଳେ ୧୧୬ ନଂ ବୁଥରେ ତାଙ୍କ ସପକ୍ଷରେ ଆଦୌ ଭୋଟ ପଡିନାହିଁ । ଧ୍ରୁବଙ୍କ ଅତି ନିକଟ ବନ୍ଧୁଙ୍କ ଗ୍ରାମସ୍ଥିତ ୨୨୩ ନଂ ବୁଥରେ ମାତ୍ର ୩ ଖଣ୍ଡ, ବିଜେଡି ପଟ୍ଟାମୁଣ୍ଡାଇ ନଗର ଉପସଭାପତିଙ୍କ କଷଣଅଣ୍ଟା ଗ୍ରାମର ୨୨୬ ନଂ ବୁଥରେ ୨ ଖଣ୍ଡ, ପଟ୍ଟାମୁଣ୍ଡାଇ ନଗର ବିଜେଡି ଯୁବ ସଭାପତିଙ୍କ ଗ୍ରାମର ୨୩୭ ନଂ ବୁଥରେ ଗୋଟିଏ ଭୋଟ ଓ ଅନ୍ୟ କିଛି ବୁଥରେ ଦୁଇ ଅଙ୍କ ମଧ୍ୟରେ ଭୋଟ ପାଇବା ଏହି ସନ୍ଦେହକୁ ବଳିଷ୍ଠ କରିଛି ସେ କହିଛନ୍ତି। ଅପରପକ୍ଷରେ ଏପରି ଅବିଶ୍ୱସନୀୟ ଭୋଟରେ ବିଜୟୀ ହୋଇଥିବାରୁ ବିଜେଡି ପ୍ରାର୍ଥୀ ଧ୍ରୁବ ଚୁପ ବସିଛନ୍ତି। ଫଳରେ ଏହି ଆଶଙ୍କା ଅଧିକ ଦୃଢ଼ ହୋଇଛି ବୋଲି ସେ କହିଛନ୍ତି । ଏନେଇ ଖୁବଶୀଘ୍ର ନିର୍ବାଚନ ଅଧିକାରୀଙ୍କ ନିକଟରେ ସେ ଅଭିଯୋଗ କରିବେ ବୋଲି କହିଛନ୍ତି । ଏ ସମ୍ପର୍କରେ ରାଜନଗର ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତିଯେ, ଇଭିଏମରେ କୌଣସି ଟାମ୍ପରିଂ ହୋଇନାହିଁ । ଏହି ମେଶିନ ସିସିଟିଭି ସର୍ଭିଲାନ୍ସରେ ଥିଲା । ଏହାର କପି ନିର୍ବାଚନ ଅଧିକାରୀଙ୍କ ମାଧ୍ୟମରେ ନେଇ ଯାଞ୍ଚ କରାଯାଇପାରିବ।

ସୋଲାର ଲାଇଟ୍ ଟଙ୍କା ଆତ୍ମସାତ୍ ଯୋଗୁ ଧାରଣା ଘଟଣା

### ଗ୍ରାମରେ ଲାଗିବ ୫ ନୂଆ ସୋଲାର ଲାଇଟ୍

**ଡେରାବିଶ, ୨୭।୫(ସ୍ୱ.ପ୍ର.):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ମୁଣ୍ଡାଲୋ ଗ୍ରାମରେ ଆଲୋକୀକରଣ ନିମନ୍ତେ ଆସିଥିବା ଅର୍ଥ ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଆତ୍ମସାତ୍ କରିଥିବା ଅଭିଯୋଗ ଆଣି ଗ୍ରାମବାସୀ ଶନିବାର ଧାରଣାରେ ବସିଥିଲେ। ଏହାର ସମାଧାନ ପାଇଁ ପୂର୍ବ ପ୍ରତିଶ୍ରୁତି ମୁତାବକ ସୋମବାର ପୂର୍ବାହ୍ନ ୧୦ଟା ବେଳେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଯୁଗଳ କିଶୋର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଲାଶିଷ ଗୁପ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ସରପଞ୍ଚ ମହାନ୍ତି କହିଥିଲେ, ମୁଣ୍ଡାଲୋ ଗ୍ରାମକୁ ସମୁଦାୟ ୨୧ଟି ସୋଲାର ଲାଇଟ୍ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ଗ୍ରାମପାଇଁ ଆସିଥିବା ୨୧ ଲାଇଟ୍ ମଧ୍ୟରୁ ୫ଟିକୁ ସେ ଅନ୍ୟ ସ୍ଥାନରେ ଲଗାଇ ଦେଇଥିବା କହିଥିଲେ। ତେବେ ୨୦୧୭-୧୮ ଆର୍ଥିକ ବର୍ଷରେ ଆଲୋକୀକରଣ ପାଇଁ ଆସିଥିବା ୭ଲକ୍ଷ ଟଙ୍କା ଅନୁଦାନରୁ ଏହି ଗ୍ରାମକୁ ଉକ୍ତ ୫ଟି ସୋଲାର ଲାଇଟ୍ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାରେ ମୁଣ୍ଡାଲୋ ଗ୍ରାମର ଦୁଇ ୱାର୍ଡମେମ୍ବର ସୁରେନ୍ଦ୍ର ବାରିକ ଓ ଜୟନ୍ତୀ ନାୟକଙ୍କ ସମେତ ଅଜୟ ନାୟକ, ନୃସିଂହ ଚରଣ ନାୟକ, ଅରୁଣ ନାୟକ, ମହେନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

**କେନ୍ଦ୍ରାପଡା ଅଫିସ, ୨୭।୫**

କେନ୍ଦ୍ରାପଡା ବ୍ଲକ ନାଗେଶ୍ୱରପୁରସ୍ଥିତ ଟାଏକୋଣ୍ଡୋ ଏକାଡେମୀ ପରିସରରେ ୧୪ତମ ଟାଏକୋଣ୍ଡୋ, କ୍ୟୁରେସି ଓ ପୁମସି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲା ଟାଏକୋଣ୍ଡୋ ଆସୋସିଏଶନ ଓ ଦେଶୀ ଟାଏକୋଣ୍ଡୋ ଆସୋସିଏଶନ ମିଳିତ ଭାବେ ଏହି ପ୍ରତିଯୋଗିତା ଆୟୋଜନ କରିଥିଲେ। ଏଥିରେ ଜିଲାର ୯ ବ୍ଲକ ଅନ୍ତର୍ଗତ ୧୭ ଏକାଡେମୀର ୨୨୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାପଡା ଟାଏକୋଣ୍ଡୋ ଏକାଡେମୀ, ଶିବାନୀ ଟାଏକୋଣ୍ଡୋ ଏକାଡେମୀ, ସାଇ ଟାଏକୋଣ୍ଡୋ ଏକାଡେମୀ, ଇସାନଡିଆ ଟାଏକୋଣ୍ଡୋ ଏକାଡେମୀ, ଫକିରାବାଦ ଟାଏକୋଣ୍ଡୋ ଏକାଡେମୀ ଓ ଲାୟନ୍ସ ଟାଏକୋଣ୍ଡୋ ଏକାଡେମୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ଟାଏକୋଣ୍ଡୋ ଏକାଡେମୀ ଚଳିତ ବର୍ଷ ପାଇଁ ଚାମ୍ପିୟନ ହୋଇଛି । ଜିଲା ସଭାପତି ଦେବାଶିଷ ପଣ୍ଡା, ସମ୍ପାଦକ ଦିବ୍ୟଜ୍ୟୋତି ଦାସ, ଉପସଭାପତି ବିବେକାନନ୍ଦ ମହାରଣା, ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାନ୍ତି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

### ପ୍ରାବନ୍ଧିକଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା ଅଫିସ, ୨୭।୫**

କେନ୍ଦ୍ରାପଡା ସହରର ପ୍ରେସ୍ ରୁମ୍‌ରେ କେନ୍ଦ୍ରପଡା ଜିଲା ସାହିତ୍ୟ ସଂସଦ ପକ୍ଷରୁ ପ୍ରାବନ୍ଧିକ ପ୍ରତାପ କୁମାର ରାୟଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ବାସୁଦେବ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସ୍ୱର୍ଗତ ରାୟଙ୍କ ଜୀବନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ତାଙ୍କ ବିୟୋଗରେ ସାହିତ୍ୟ ଜଗତର ଏକ ଅମ୍ଳାନ ପ୍ରତିଭା ହଜିଗଲା ବୋଲି ମତ ପ୍ରକାଶ ପାଇଥିଲା । ସଭାରେ କବି ହେମନ୍ତ କୁମାର ରାଉତ, ମନ୍ମଥ ବରାଳ, ସଞ୍ଜୟ ମଲ୍ଲିକ, ଶୁଭ୍ରାଂଶୁ କୁମାର ଦାସ, ପ୍ରଦୀପ ଦାଶ, ରାମକୃଷ୍ଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଦ୍ୟୁତ୍ ପାଇଁ ଲାଞ୍ଚ ପ୍ରତିବାଦରେ ରାସ୍ତାରୋକୋ

**କେନ୍ଦ୍ରାପଡା ଅଫିସ୍, ୨୭।୫**


ଆନ୍ଦୋଳନକାରୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଏନ୍‌ଜେନ୍ କନିଷ୍ଠ ଯନ୍ତ୍ରୀ ୫ ହଜାର ଟଙ୍କା ଦାବି କରିବା ପ୍ରତିବାଦରେ କେନ୍ଦ୍ରାପଡା-ଗଣ୍ଡାକିଆ ରାସ୍ତାର ଦେପୁର ସ୍କୁଲ ଛକ ନିକଟରେ ଗ୍ରାମବାସୀ ୪ ଘଣ୍ଟା ଧରି ସୋମବାର ରାସ୍ତାବନ୍ଦ କରିଥିଲେ। ଖବରପାଇ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମେତ ସେସୁ ଓ ଏନ୍‌ଜେନ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସମସ୍ୟାର ସମାଧାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ଏ ସମ୍ପର୍କରେ ଦେପୁର ଗ୍ରାମର ହୃଷୀକେଶ ନାୟକ କୁହନ୍ତି, ଗତ ୨୫ ତାରିଖ ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ଏକ ନଡ଼ିଆ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ଏଥିସହ ଖୁଣ୍ଟ ମଧ ଭାଙ୍ଗି ଯାଇଥିଲା। ଏହାର ମରାମତି ପାଇଁ ଏନ୍‌ଜେନ୍ କନିଷ୍ଠ ଯନ୍ତ୍ରୀ ଗ୍ରାମବାସୀଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ବିରୋଧ କରି ଗ୍ରାମବାସୀ ଧାରଣା ଦେଇଥିବା ହୃଷୀକେଶ କହିଛନ୍ତି। ଗ୍ରାମର ନୀହାର ରଞ୍ଜନ ପ୍ରଧାନ, ଶରତ ନାୟକ, କେଶବ ଚରଣ ନାୟକ, ରଞ୍ଜନ କୁମାର ପତି, ରଞ୍ଜନ କୁମାର ବାରିକ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ସେହିପରି ତହସିଲଦାର ହେମଲତା ବାହାଲିଆ, ସେସୁ ନିର୍ବାହୀଯନ୍ତ୍ରୀ ଅମରଜିତ ପଟ୍ଟନାୟକ, ଏନ୍‌ଜେନ୍ ଜିଲା ପରିଚାଳକ ଶ୍ରୀକାନ୍ତ ପଣ୍ଡା, ଏସ୍‌ଡିଓ ସନ୍ନ୍ୟାସୀ ପ୍ରଧାନ ପ୍ରମୁଖ ପହଞ୍ଚି ଏହାର ସମାଧାନ ଦିଗରେ ଆଲୋଚନା କରିଥିଲେ।

# ନାବାଳିକା ସ୍ତ୍ରୀ, ଶିଶୁକନ୍ୟାକୁ ଛାଡ଼ି ଦ୍ୱିତୀୟ ବିବାହ

■ ଥାନା ଦ୍ୱାରସ୍ଥ ହେଲେ ପ୍ରଥମ ସ୍ତ୍ରୀ

**ରାଜନଗର, ୨୭।୫ (ଡି.ଏନ୍.ଏ.)**

ନାବାଳିକା ସ୍ତ୍ରୀ ଓ ୩ ମାସର ଝିଅକୁ ଛାଡ଼ି ଦ୍ୱିତୀୟ ବିବାହ କରିଛନ୍ତି ରାଜନଗର ବ୍ଲକ କୃଷ୍ଣସାଗର ପଞ୍ଚାୟତ ଅଧୀନ ଶୈଳେନ୍ଦ୍ରନଗର ମହନୀ ଦାସଙ୍କ ପୁଅ ଅନାଦି(୨୨)। ଏ ନେଇ ପ୍ରଥମ ସ୍ତ୍ରୀ ସୋମବାର ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ଅନୁସାରେ, ୨୦୧୮ ଜୁନ୍‌ରେ ଅନାଦି ତାଙ୍କୁ ଘରୁ ଉଠାଇ ନେଇ କୋଲକାତାରେ ବିବାହ କରିଥିଲେ। ସେଠାରେ ଉଭୟେ ପରମ୍ପରା ଅନୁଯାୟୀ ବିବାହ କରିଥିବା ବେଳେ ଭଡ଼ାଘରେ ରହୁଥିଲେ। କିଛିଦିନ ପରେ ସେମାନେ ଗାଁକୁ ଫେରିଥିଲେ। କିନ୍ତୁ ପରିବାର ଲୋକେ ତାଙ୍କ ବିବାହକୁ ବିରୋଧ କରିବା ଯୋଗୁ ସେମାନେ ଗାଁଠାରୁ କିଛି ଦୂର ଡାଙ୍ଗମାଳଠାରେ ଭଡ଼ା ଘରେ ରହୁଥିଲେ। ଅନାଦିଙ୍କ ରୋଜଗାର ନ ଥିବାରୁ ଉଭୟଙ୍କ ମଧରେ କଳି ଝଗଡ଼ା ହେଉଥିଲା । ତେବେ ବାପଘରୁ ୫୦ହଜାର ଟଙ୍କା ଆଣିବାକୁ ଅନାଦି ତାଙ୍କୁ ବାଧ କରିଥିଲେ। କିନ୍ତୁ ସେ ନ ଆଣି ପାରିବାରୁ ଅନାଦି ତାଙ୍କୁ ୬ମାସ ପୂର୍ବେ ବାପଘରେ ଛାଡ଼ି ଦେଇ କାମ କରିବାକୁ ଯିବା ବାହାନାରେ ପଳାଇଥିଲେ ବୋଲି ତାଙ୍କ ପ୍ରଥମ ସ୍ତ୍ରୀ ଅଭିଯୋଗ କରିଛନ୍ତି। ତେବେ ଅନାଦି ଏହି ଥାନା ଅଞ୍ଚଳର ଆଉ ଜଣେ ନାବାଳିକାଙ୍କୁ ବିବାହ କରିଥିବା ସେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅନାଦିଙ୍କ ପରିବାର ଲୋକଙ୍କ ସହମତିରେ ଏହି ବିବାହ ହୋଇଛି। ତେବେ ଥାନାରେ ଅଭିଯୋଗ ହେବା ପରେ ଅନାଦି ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପୋଲିସ ଅନାଦିଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ତେବେ ଅନାଦିଙ୍କୁ ଧରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି ବୋଲି ଆଇଆଇସି ଶ୍ରୀକାନ୍ତ କୁମାର ବାରିକ କହିଛନ୍ତି।

### ଶିଶୁ କବିଙ୍କ ସ୍ମୃତିସଭା

**ରାଜକନିକା, ୨୭।୫(ଡି.ଏନ୍.ଏ)**

ଶିଶୁ କବି ସ୍ୱର୍ଗତ ପ୍ରମୋଦ ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଇଂ. ଅଭୟ ସୂତାର ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ହେନ୍ତାଳ ପତ୍ରିକାର ସମ୍ପାଦକ ହେମନ୍ତ ରାଉତ କବି ଯୋଗଦେଇଥିଲେ । ସାହିତ୍ୟିକ ହରେକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ଏହି ସ୍ମୃତି ସଭାରେ ସ୍ୱର୍ଗତ ପ୍ରମୋଦ ମହାନ୍ତିଙ୍କ ରଚିତ 'ଲାଲ କନିକାର ମାଟି' ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଘନ ଘନ ବିଦ୍ୟୁତ୍ କାଟ, ଜନଜୀବନ ଅତିଷ୍ଠ

**ମାର୍ଶାଘାଇ, ୨୭।୫ (ଡି.ଏନ୍.ଏ.)**

ସମ୍ପ୍ରତି ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଯୋଗୁ ଘରୁ ବାହାରକୁ ବାହାରିବା ଅସମ୍ଭବ ହେଉଥିବା ବେଳେ ଘଣ୍ଟାକୁ ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଲୋକମାନେ ଘରେ ରହିବା ବି ସମ୍ଭବ ହେଉନି। ରାତିରେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ କାଟି ଦିଆଯାଉଥିବାରୁ ଲୋକମାନେ ଶୋଇ ପାରୁନାହାନ୍ତି। ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକମାନେ ନାନା ଅସୁବିଧା ଭୋଗୁଥିବା ବେଳେ ଇଣ୍ଟରନେଟ୍ ସେବାରେ ମଧ ବାଧା ଉପୁଜୁଛି। ଫଳରେ ବିଦ୍ୟୁତ୍ ଓ ଇଣ୍ଟରନେଟ୍ ଯୋଗେ ହେବାକୁ ଥିବା କାର୍ଯ୍ୟଗୁଡ଼ିକ ବନ୍ଦ ରହୁଥିବା ଅନେକ ଲୋକ ଅଭିଯୋଗ କରିଛନ୍ତି। ସପ୍ତାହେ ହେବ ଦିନକୁ ପ୍ରାୟ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଏ ସମ୍ପର୍କରେ ସେସୁ ଓ ଏନ୍‌ଜେନ୍ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ ବି କିଛି ସମାଧାନ କରାଯାଉନାହିଁ। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଘର ଭାଙ୍ଗିଦେଲା କାଳବୈଶାଖୀ

# ଖୋଲା ଆକାଶ ତଳେ ପରିବାର

**ଆଳି, ୨୭।୫ (ଡି.ଏନ୍.ଏ.)**


ଘର ଆଗରେ ପରିବାର ସଦସ୍ୟଙ୍କ ସହ କାଞ୍ଚନ।

ସାରା ରାଜ୍ୟରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଥିବା ବେଳେ ବହୁ ଜିଲାରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଆହୁରି ୪ଦିନ ଏଭଳି ତାତି ଅନୁଭୂତ ହେବ। ଏଥିସହ କେତେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଆଳି ବ୍ଲକ ଅଞ୍ଚଳରେ ବର୍ଷା ପବନ ହୋଇଥିଲା। ବର୍ଷା ଯୋଗୁ ଆଳି ଧୋୟାଞ୍ଚଳ ମହନପୁର ଗ୍ରାମର ୨ନଂ.ର ୱାର୍ଡର ୱାର୍ଡମେମ୍ବର କାଞ୍ଚନ ମଲିକଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ଫଳରେ ପରିବାରର ୬ ଜଣ ଖୋଲା ଆକାଶ ତଳେ ପଡ଼ିରହିଛନ୍ତି। ଏ ନେଇ କାଞ୍ଚନ କୁହନ୍ତି, ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀ ପ୍ରଭାବରେ ୩ ପଟ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଆଳି ତହସିଲ ପକ୍ଷରୁ କ୍ଷତିଗ୍ରସ୍ତ ତାଲିକାରେ ନାଁ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ପାଲ ଖଣ୍ଡେ ଯୋଗାଇ ଦିଆଗଲାନାହିଁ। ତେଣୁ ନିଜେ ପାଲ କିଣି ରହୁଥିଲୁ। ଶନିବାର କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ଯୋଗୁ ଘରର ସବୁ କାନ୍ଥ ଭୁଶୁଡ଼ି ପଡ଼ିବା ସହ ଚାଳ ବି ଉଡ଼ିଯାଇଛି ବୋଲି କାଞ୍ଚନ କହିଛନ୍ତି। ଫଳରେ ସମସ୍ତ ସଦସ୍ୟ ଘର ବାହାରେ ଖୋଲା ଆକାଶ ତଳେ ରହୁଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚାଷଜମିରୁ ଜଳ ନିଷ୍କାସନ ଦାବି

■ ଶିଳିପୁର-ସଂଗ୍ରାମପୁର ରାସ୍ତାରେ ଶତାଧିକ ଚାଷୀଙ୍କ ଧାରଣା

**ମାର୍ଶାଘାଇ, ୨୭।୫ (ଡି.ଏନ୍.ଏ.)**


ଶିଳିପୁର-ସଂଗ୍ରାମପୁର ରାସ୍ତାରେ ଚାଷୀମାନେ ଧାରଣାରେ ବସିଛନ୍ତି।

ଚଳିତ ସପ୍ତାହରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହେବା ଯୋଗୁ ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତ ଅଞ୍ଚଳର ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ଜଳ ନିଷ୍କାସନ ନହେବା ପର୍ଯ୍ୟନ୍ତ ବିହନ ବୁଣା ଯାଇପାରିବ ନାହିଁ। ତେବେ ଚାଷ ଜମିରୁ ତୁରନ୍ତ ଜଳ ନିଷ୍କାସନ ଦାବିରେ ସୋମବାର ସଂଗ୍ରାମପୁର, ଡଅଁରମୁଣ୍ଡ ଓ ଶିଳିପୁର ଗ୍ରାମର ଶତାଧିକ ଚାଷୀ ଶିଳିପୁର-ସଂଗ୍ରାମପୁର ରାସ୍ତାରେ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ପାରାଦୀପ-ହରିଦାସପୁର ରେଳପଥ ସଂଗ୍ରାମପୁର, ଡଅଁରମୁଣ୍ଡ ଓ ଶିଳିପୁର ଗ୍ରାମର ଚାଷଜମି ଉପରେ ଯାଇଅଛି। ଫଳରେ ଏହି ରେଳପଥ ଅପରପାର୍ଶ୍ୱରେ ଥିବା ଶତାଧିକ ଏକର ଚାଷଜମିରେ ସାମାନ୍ୟ ବର୍ଷା ପରେ ବି ପାଣି ଜମୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ରେଳ ବିଭାଗ ସହ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବି ସମାଧାନ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଶିଳିପୁର ସରପଞ୍ଚ ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଗ୍ରାମର ମହେନ୍ଦ୍ର ରଥ, ବିଶ୍ୱରଞ୍ଜନ ପରିଡ଼ା, ହିମାଂଶୁ ଶେଖର ଦାସ, ବିଶ୍ୱରଞ୍ଜନ ଦାସ, ପବିତ୍ର ମୋହନ ସାହୁ ପ୍ରମୁଖ ଶିଳିପୁର-ସଂଗ୍ରାମପୁର ରାସ୍ତାର ରେଳ ପୋଲ ତଳେ ଧାରଣାରେ ବସିଥିଲେ। ଖବରପାଇ ମାର୍ଶାଘାଇ ତହସିଲଦାର ନିରଞ୍ଜନ ସାହୁ ସରପଞ୍ଚ ଦାସଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ମଙ୍ଗଳବାର ମଙ୍ଗଳବାର ରେଳ ବିଭାଗର ଅଧିକାରୀଙ୍କ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବେ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜିନିସ୍



# ୩୩.୬୬୩ ହଜାର ଏମ୍‌ଟି ଚାଉଳ ବାକି

**ଯାଜପୁର ଅଫିସ,୨୭।୫**

ଯାଜପୁର ଜିଲାର ୧୨ ମିଲର୍ସଙ୍କ ପାଖରେ ୨୦୧୮-୧୯ ଧାନ ସଂଗ୍ରହ ବର୍ଷରେ ଗତ ୨୩ତାରିଖ ସୁଦ୍ଧା ୩୩,୬୬୩.୨୮ ମେଟ୍ରିକ ଟନ (ଏମ୍‌ଟି) ଚାଉଳ ବାକିପଡ଼ିଛି। ଏଥିରେ ରଙ୍ଗିଦାଶପୁର ଇଷ୍ଟର୍ଣ୍ଣ ଫୁଡ୍‌ସ ପ୍ରାଇଭେଟ ଲିଃ ପାଖରେ ସର୍ବାଧିକ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଉଳ ବାକି ରହିଛି। ସେହିପରି ବଡଚଣାର ଶାନ୍ତୁକା ଫୁଡ୍‌ସ ୪୬ ପ୍ରତିଶତ, ପଥରପଦାର କୃପାଳୁ ରାଇସ ମିଲ ୪୨ପ୍ରତିଶତ ଓ ପାଣିକୋଇଲି ଆଶୀର୍ବାଦ ଆଗ୍ରୋ ରାଇସ ମିଲ ୪୧ ପ୍ରତିଶତ ଚାଉଳ ଦାଖଲ କରିପାରି ନାହାନ୍ତି। ଏହି ୪ ମିଲର୍ସ ମଧ୍ୟାହ୍ନ ଭୋଜନ, ବିପିଏଲ ଓ ଅନ୍ତ୍ୟୋଦୟ, ଅଙ୍ଗନୱାଡ଼ି ଆଦି ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଚାଉଳ କିମ୍ବା ଅନ୍ୟ ଜିଲାର ଅତି ନିମ୍ନମାନର ଚାଉଳ ଅପେକ୍ଷାରେ ଥିବା ସନ୍ଦେହ କରାଯାଉଛି। ଏଥିଯୋଗୁ ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର(ଜିଏମ୍) ପ୍ରଦୀପ କୁମାର ଗର୍ଡିଆ ତୁରନ୍ତ ମିଲଗୁଡ଼ିକର ଷ୍ଟକ ପୋଜିଶନ ଅନୁଧାନ କରି ଆବଶ୍ୟକ ପଦକ୍ଷେପ ନେବାକୁ କଡ଼ା ତାଗିଦ କରିଛନ୍ତି। ବିଡମ୍ବନା ଯେ, ଜିଲାର ୫ଟି ଗୋଦାମରେ ପର୍ଯ୍ୟାପ୍ତ ଜାଗା ରହିଥିଲେ ହେଁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅପାରଗତା ଯୋଗୁ ଆବଶ୍ୟକ ଚାଉଳ ଦାଖଲ ହୋଇପାରି ନାହିଁ।

ଗ୍ରୀଷ୍ମ ମାସର ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ଓ ଅଙ୍ଗନୱାଡ଼ି ପିଲାଙ୍କ ଚାଉଳ ଯୋଗାଣ ହୋଇଥାଏ। କିନ୍ତୁ ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ର ଖରାଦିନେ ବନ୍ଦ ହେଉଥିବାରୁ ଅଧିକାଂଶ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନ ଥାଏ। ଏହି ସମୟରେ ଚାଉଳ ବଣ୍ଟନରେ ରହିଥିବା ଡିଲରମାନେ ଚଞ୍ଚକତା କରି ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଚାଉଳ ବଣ୍ଟନ କରି ନ ଥାନ୍ତି। ଏହାବାଦ ସ୍କୁଲ ପଢ଼ା ସମୟରେ ଅଧିକ ଛାତ୍ର ଉପସ୍ଥାନ ଦର୍ଶାଇ ଅନିୟମିତତା ହେଉଥିବା ଚାଉଳ ଓ ଖାଦ୍ୟସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ କିଛି ଚାଉଳକୁ ରିସାଇକ୍ଲିଂ କରି ମିଲର୍ସଙ୍କ ପାଖକୁ ଯାଉଥିବା ସନ୍ଦେହ କରାଯାଉଛି। ତଥାପି ଚାଉଳ ଦାଖଲ ନୈରାଶ୍ୟଜନକ ବୋଲି କୁହାଯାଉଛି । ଜିଲାର ୧୨ଜଣ ମିଲର୍ସଙ୍କ ଉପରେ ୩୩,୬୬୩.୭୩୮ ଏମ୍‌ଟି ଚାଉଳ ଏବେ ବି ବାକି ପଡ଼ିଛି। ଯୋଗାଣ ବିଭାଗରୁ ମିଳିଥିବା ତଥ୍ୟ ମୁତାବକ ଯାଜପୁର

**ଯାଜପୁର ଜିଲା**
- ୫ ଗୋଦାମ ଘରେ ଜାଗା ଥାଇ ବି ନୈରାଶ୍ୟଜନକ ଦାଖଲ
- ତୁରନ୍ତ ପଦକ୍ଷେପ ନେବାକୁ ଜିଏମ୍‌ଙ୍କ ତାଗିଦ୍
- ଇଷ୍ଟର୍ଣ୍ଣ ମିଲରେ ସର୍ବାଧିକ ଚାଉଳ ବାକି
- ସରକାରୀ ଚାଉଳ ଅପେକ୍ଷାରେ ୪ ମିଲର୍ସ ଥିବା ସନ୍ଦେହ

ଜିଲା ଚାଷୀଙ୍କଠାରୁ ଖରିଫ ଋତୁରେ ୧,୨୫,୭୫୩.୯୨୩ ଏମ୍‌ଟି ଧାନ ସଂଗ୍ରହ ହୋଇଥିଲା। ଦାୟିତ୍ୱରେ ଥିବା ମିଲର୍ସଙ୍କୁ ଲେଭି ଚାଉଳ ମିଲିଂ ପାଇଁ ଧାନ ପ୍ରଦାନ କରାଯାଇଥିଲା। ସେହି ଅନୁପାତରେ ୮୫,୩୮୦.୦୨୬ ଏମ୍‌ଟି ଚାଉଳ ଦାଖଲ ହେବା କଥା। ମାତ୍ର ଗତ ୨୩ ତାରିଖ ସୁଦ୍ଧା ୫୧,୭୧୬.୭୩୮ ଏମଟି ଚାଉଳ ଦାଖଲ ହୋଇଛି। ଗତବର୍ଷ ପ୍ରାୟ ୧ ମାସ ବିଳମ୍ବରେ ଧାନ ସଂଗ୍ରହ ହୋଇଥିଲା। ଫଳରେ ଅଧିକାଂଶ ଚାଷୀ ବେପାରୀଙ୍କଠାରେ ଧାର୍ଯ୍ୟ ଦରଠାରୁ କମ ମୂଲ୍ୟରେ ଧାନ ବିକ୍ରି କରିଥିଲେ। ବେପାରୀମାନେ ଜିଲା ତଥା ରାଜ୍ୟ ବାହାରକୁ ଧାନ ଚାଲାଣ କରିଥିବା ଦେଖିବାକୁ ମିଳିଥିଲା। ଜାଲ କାଗଜପତ୍ରରେ ଧାନ କିଣାଯାଇଥିବାରୁ ମିଲର୍ସଙ୍କ ପାଖରେ ଆବଶ୍ୟକ ଧାନ ମହଜୁଦ ହୋଇପାରି ନ ଥିଲା। ଫଳରେ ମିଲର୍ସମାନେ ଏବେ ବିଭିନ୍ନ ସରକାରୀ ଯୋଜନାର ଚାଉଳ ଅପେକ୍ଷାରେ ରହିଛନ୍ତି ବୋଲି ଚର୍ଚ୍ଚା ହେଉଛି। କଳାବଜାରୀଙ୍କଠାରୁ ଚାଉଳ ପାଇଲା ପରେ ଶତପ୍ରତିଶତ ଚାଉଳ ଦାଖଲ କରିବାକୁ ମିଲର୍ସମାନେ ଯୋଜନା କରୁଥିବା କୁହାଯାଉଛି । ଏହିକ୍ରମରେ ବ୍ରହ୍ମବରଦାର ଲକ୍ଷ୍ମୀ ଆଗ୍ରୋ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଶତପ୍ରତିଶତ ଚାଉଳ ଦାଖଲ କରି ପ୍ରଶଂସନୀୟ ଅଗ୍ରଗତି କରିଛି। ଏହାବାଦ ରଗଡି ଏସ୍‌ଜିଏସ ଫୁଡସ ପ୍ରାଇଭେଟ ଲିଃ ୯୫ ପ୍ରତିଶତ, ଶ୍ରୀ ସାଇ ଆଗ୍ରୋ ରାଇସ ମିଲ ୯୭.୮୨ ପ୍ରତିଶତ, ଚଣ୍ଡିଖୋଲର ବାବା ଚନ୍ଦ୍ରଶେଖର ରାଇସ ମିଲ ୭୧.୦୬ ପ୍ରତିଶତ, ଚଣ୍ଡିଖୋଲ ରାଇସ ମିଲ ୬୭.୪୦ ପ୍ରତିଶତ ଚାଉଳ ଦାଖଲ କରିଛନ୍ତି। ବିଭିନ୍ନ ସମୟରେ ଚାଉଳ ଦାଖଲକୁ ନେଇ ଜାଗା ଅଭାବକୁ ଦର୍ଶାଯାଇଥାଏ । କିନ୍ତୁ ଯାଜପୁର ଜିଲାର ୫ଟି ଗୋଦାମରେ ୧,୯୨,୦୦୦ କୁଇଣ୍ଟାଲ ଖାଦ୍ୟ ସାମଗ୍ରୀ ରହିବାର କ୍ଷମତା ରହିଛି । ଗତ ୨୪।୫।୨୦୧୯ ସୁଦ୍ଧା ୧,୨୮,୧୫୯.୮୧ କୁଇଣ୍ଟାଲ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି । ଅର୍ଥାତ ୬୩,୮୪୧ କୁଇଣ୍ଟାଲ ଖାଦ୍ୟ ସାମଗ୍ରୀ ମହଜୁଦ ରହି ପାରିବ। କିନ୍ତୁ ମିଲର୍ସମାନେ ଚାଉଳ ଦାଖଲ ନ କରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ମିଲ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ ନିୟମିତ ଭାବେ ତଦନ୍ତ କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଯୋଗାଣ ନିଗମର ଜିଏମ ଗର୍ଡିଆ ଉଦବେଗ ପ୍ରକାଶ କରିବା ସହିତ ଯାଜପୁର ସିଏସଓଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ଅତି କମ୍ ପରିମାଣର ଚାଉଳ ଦାଖଲ କରିଥିବା ମିଲଗୁଡ଼ିକ ପରିସରରେ ସେମାନଙ୍କ କ୍ଷମତା ଅନୁଯାୟୀ ଧାନ ଓ ଚାଉଳ ଗଚ୍ଛିତ ରହିଛି କି ନାହିଁ ସେ ନେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗର୍ଡିଆ ନିର୍ଦ୍ଦେଶ ଦେଇଛନ୍ତି ।

## ସଂକ୍ଷେପରେ

### ଟୋଲ ପ୍ଲାଜା ନିକଟରେ ଯୁବକଙ୍କ ଗଣ୍ଡଗୋଳ
### ୪ କୋର୍ଟ ଚାଲାଣ

**କୋରେଇ,୨୭।୫(ସ୍ୱ.ପ୍ର.):** ପାଣିକୋଇଲି ଟୋଲ ପ୍ଲାଜା ନିକଟରେ ସୋମବାର ଉନ୍ମତ୍ତ କାଣ୍ଡ ଘଟାଇ ୪ ଯୁବକ କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ବୈରୀ ଥାନା ଅନ୍ତର୍ଗତ ଅଭୟପୁର ଗ୍ରାମର ମୃତ୍ୟୁଞ୍ଜୟ ସାହୁ ଓରଫ ବାପି(୨୮), ଶାଳପଡା ବମ୍ଫୁମୂଳ ଗ୍ରାମର ଚିନ୍ମୟ ଓଝା (୨୭) ଓ ଖୋର୍ଦ୍ଧା ଜିଲା ନନ୍ଦନକାନନ ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଶଶିକାନ୍ତ ବେହେରା ଓରଫ ବାଦଲ(୩୦) ଓ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ମାନିତ୍ରୀ ଗ୍ରାମର ଦୀପକ କୁମାର ସେଠୀ ଓରଫ ରକି(୨୬)। ପ୍ରକାଶ ଯେ, ରାଜେନ୍ଦ୍ର ମିଶ୍ର ନାମକ ଯୁବକ କାର ଯୋଗେ କଟକରୁ ପାଣିକୋଇଲି ଫେରୁଥିଲେ। ଏହି ସମୟରେ ଟୋଲ ପ୍ଲାଜାର ଅନତି ଦୂର ସିଙ୍ଗଡା ଓଭରବ୍ରିଜ ନିକଟରେ ଏକ କାର (ଓଡି-୦୫ଏଫ-୦୦୦୯)ରେ ୫ ଜଣ ଯୁବକ ଆସି ତାଙ୍କ ଗାଡିକୁ ଅଟକାଇ ଗାଳିଗୁଲଜ କରିବା ସହ ମୋବାଇଲ ଓ ପର୍ସ ଛଡାଇ ନେଇଥିଲେ। ଏ ନେଇ ରାଜେନ୍ଦ୍ର ଫୋନ ଯୋଗେ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ବୈରୀ ଥାନାରେ କେସ ଥିବା ଜଣାପଡିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୯୬/୧୯) ରୁଜୁ କରିଛି। ପୋଲିସ ସେମାନଙ୍କ ନିକଟରୁ ୫ ମୋବାଇଲ ଓ ଗାଡିରେ ଥିବା ମଦ ଜବତ କରିଛି।

### ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ଛତିଆ,୨୭।୫(ଡି.ଏନ୍.ଏ.):** ଛତିଆ ଆଖପାଖ ଅଞ୍ଚଳରେ ଖବରକାଗଜ ବିତରକ ଭାବେ ପରିଚିତ ଅମୂଲ୍ୟ କୁମାର ସିଂଙ୍କ ବଡ଼ ମା’ ମଝିଆଣୀ ସିଂ (୬୦)ଙ୍କ ରବିବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ନିଜ ଘର ପାଖ ରିଟେଲରଙ୍କ ପାଖରୁ କିରୋସିନି ଆଣି ଫେରୁଥିବାବେଳେ ମୂର୍ଚ୍ଛା ହୋଇ ବାଟରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଘରକୁ ଖବର ଦେବା ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ତୁରନ୍ତ ମେଡିକାଲ ନେଉଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ଛତିଆ ଖବର କାଗଜ ବିତରକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଯାଜପୁରରୋଡ,୨୭।୫(ନି.ପ୍ର.)**

ଯାଜପୁରରୋଡ ଥାନା ଅନ୍ତର୍ଗତ ପାଇକରାପୁର ଛକ ନିକଟରେ ସୋମବାର ସକାଳ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜର୍ଦ୍ଦା ଗ୍ରାମର ଭାଗୀରଥି ବେହେରା ଓ ଗୁରୁତର ଜଣକ ହେଲେ କୈଳାସ ଚନ୍ଦ୍ର ରାଉତ। ସ୍ଥାନୀୟ ଲୋକେ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଯାଜପୁରରୋଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଭାଗୀରଥିଙ୍କୁ ମୃତ ଘୋଷଣା କରିଥିବାବେଳେ କୈଳାସଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଖବରପାଇ ଯାଜପୁରରୋଡ ପୋଲିସ ଘଟଣସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଭାଗୀରଥି ଓ କୈଳାସ ବାଇକ୍ ଯୋଗେ ପାଇକେରାପୁରରୁ ଯାଜପୁରରୋଡ ଅଭିମୁଖେ ଯାଉଥିଲେ। ଯାଜପୁରରୋଡ ଆଡୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

## କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଦାବି

**ଚଣ୍ଡିଖୋଲ,୨୭।୫(ଡି.ଏନ.ଏ.)**

ମେ ୨୪ରେ ଗୁଜରାଟସ୍ଥିତ ସୁରଟର ଏକ କୋଚିଂ ସେଣ୍ଟରରେ ଭୟାବହ ଅଗ୍ନିକାଣ୍ଡରେ ବହୁ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ସ୍ଥାନରେ ଏହାର ପ୍ରଭାବ ପଡ଼ିଥିଲାବେଳେ ବଡ଼ଚଣାରେ ମଧ୍ୟ ଦେଖିବାକୁ ମିଳିଛି। ବଡ଼ଚଣା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଲିଥିବା କୋଚିଂ ସେଣ୍ଟରଗୁଡ଼ିକରେ ଏବେ ଅଗ୍ନି ନିର୍ବାପକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏପରି କି ଚଣ୍ଡିଖୋଲ, ବଡ଼ଚଣା, ଛତିଆ, ଧାନମଣ୍ଡଳ ଓ ବାଲିଚନ୍ଦ୍ରପୁର ଅଞ୍ଚଳରେ ଚାଲିଥିବା ଏକାଧିକ କୋଚିଂ ସେଣ୍ଟରକୁ ଯାଞ୍ଚ କରି ସେଠାରେ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି କି ନାହିଁ, ତଦାରଖ କରିବାକୁ ଅଭିଭାବକମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯେଉଁସବୁ କୋଚିଂ ସେଣ୍ଟରରେ ଏହି ବ୍ୟବସ୍ଥା ନାହିଁ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଯଥାଶୀଘ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବାକୁ ଅଭିଭାବକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ବଡ଼ଚଣା ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ କୋଚିଂ ସେଣ୍ଟର ଚାଲିଥିଲେ ମଧ୍ୟ କୌଣସି ଗୋଟିଏ ସେଣ୍ଟରରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ସୁରଟରେ ଏପରି ଅଭାବନୀୟ ଘଟଣା ଘଟିବା ପରେ କେବଳ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁଙ୍କୁ ପଚାରିବାରେ, ସୁରଟ ଘଟଣା ପରେ ସମସ୍ତ କୋଚିଂ ସେଣ୍ଟର ଅନୁଧ୍ୟାନ କରିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିଛି। ପ୍ରଥମେ ଅନୁଧ୍ୟାନର ୩ ଦିନ ପୂର୍ବରୁ ସମସ୍ତ କୋଚିଂ ସେଣ୍ଟରକୁ ଚିଠି ମାଧ୍ୟମରେ ଅବଗତ କରାଯିବ। ପରେ ସେମାନେ ସମ୍ପୃକ୍ତ ସେଣ୍ଟରଗୁଡ଼ିକର ତଦାରଖ କରି ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ। ଏହି ପ୍ରକ୍ରିୟା ଏବେ ଆରମ୍ଭ ହୋଇଥିବା ସେ ପ୍ରକାଶ କରିଛନ୍ତି।

**ସୁରଟ ଘଟଣା ପରେ ଅଭିଭାବକ ଛାନିଆ**

## ନଠୁଆବରରୁ ଶିଶୁ ଶ୍ରମିକ ଉଦ୍ଧାର

**ରସୁଲପୁର,୨୭।୫(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଛକରେ ଥିବା ଏକ ହୋଟେଲରେ ଜଣେ ଶିଶୁ ଶ୍ରମିକ କାମ କରୁଥିବାବେଳେ ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କୁ ଉଦ୍ଧାର କରାଯାଇଛି । ପ୍ରକାଶଥାଉ କି, ଜଣେ ୧୪ବର୍ଷର ବାଳକ ଉକ୍ତ ହୋଟେଲରେ କାମ କରୁଥିବା ନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ ଓ କୁଆଖିଆ ପୋଲିସ ମିଳିତ ଚଢାଉ କରାଯାଇ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି । କମିଟି ପକ୍ଷରୁ ଆଇନ ପରାମର୍ଶଦାତା ଆଇନଜୀବୀ ତପନ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କମିଟି ପକ୍ଷରୁ ଶିଶୁର ଠିକଣା ସମ୍ପର୍କରେ ଠାବ କରାଯିବା ପରେ ଶିଶୁକୁ ହସ୍ତାନ୍ତର କରାଯିବ ବୋଲି ଶ୍ରମ ବିଭାଗ ଇନ୍‌ସପେକ୍ଟର ପ୍ରେମମଞ୍ଜରୀ ନାୟକ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମଣ୍ଟୁ ଦାସଙ୍କ ଅଭିଯୋଗ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଥିଲା।

### ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶିତ

## ୩ ଛାତ୍ରୀଛାତ୍ର ବେଷ୍ଟ ଗ୍ରାଜୁଏଟ


ଐଶ୍ବର୍ଯ୍ୟା ଦାସ


ଦିପକ କୁମାର ବିହାରୀ


ସାଏଦା ନେମାତୁଲ ଉଜମା

**ଯାଜପୁର ରୋଡ,୨୭।୫(ନି.ପ୍ର.)**

ସ୍ଥାନୀୟ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏହି ମହାବିଦ୍ୟାଳୟରେ କଳାରେ ୮୫.୨୫ ପ୍ରତିଶତ, ବିଜ୍ଞାନରେ ୮୯.୦୪ ପ୍ରତିଶତ ଓ ବାଣିଜ୍ୟରେ ୮୧.୬୮ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ୩ ଶେଷ ବର୍ଷର ପରୀକ୍ଷା ଫଳ ପୁସ୍ତିକାକୁ ଅଧ୍ୟକ୍ଷ ହେମନ୍ତ କୁମାର ରାଉତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ରାଉତ କହିଛନ୍ତି ଯେ, ଚଳିତ ବର୍ଷ କଳାରେ ୨୭୮ ଜଣ ପରୀକ୍ଷା ଦେଇଥିବାବେଳେ ୨୩୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ପାସ୍ ହାର ଶତକଡା ୬୪.୯୭ ହୋଇଥିଲାବେଳେ ଛାତ୍ରଙ୍କ ପାସ ହାର ଶତକଡା ୩୫.୦୨। ସେହିପରି ବିଜ୍ଞାନରେ ୨୧୦ ଜଣ ପରୀକ୍ଷା ଦେଇଥିଲାବେଳେ ୧୮୭ ଜଣ ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ ହାର ଶତକଡା ୪୯.୧୯ ହୋଇଥିଲାବେଳେ ଛାତ୍ରଙ୍କ ପାସ ହାର ଶତକଡା ୫୦.୮୦ ହୋଇଛି। ସେହିପରି ବାଣିଜ୍ୟରେ ୨୭୩ ଜଣ ପରୀକ୍ଷା ଦେଇଥିଲାବେଳେ ୨୨୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ପାସ ହାର ଶତକଡା ୨୭.୮୦ ହୋଇଥିଲାବେଳେ ଛାତ୍ରଙ୍କ ପାସ ହାର ଶତକଡା ୭୨.୧୯ ହୋଇଛି। ଚଳିତ ବର୍ଷ ପରୀକ୍ଷାରେ ମହାବିଦ୍ୟାଳୟର ଯୁକ୍ତ ୩ ଉଦ୍ଭିଦ ବିଜ୍ଞାନ ସମ୍ମାନ ଛାତ୍ରୀ ଐଶ୍ବର୍ଯ୍ୟା ଦାସ ୨୨୨୦ ନଂ. (୮୫.୩୮), କଳାରେ ଶିକ୍ଷା ସମ୍ମାନ ଛାତ୍ରୀ ସାଏଦା ନେମାତୁଲ ଉଜମା ୨୦୬୭ ନଂ. (୭୯.୫) ଓ ବାଣିଜ୍ୟରେ ସମ୍ମାନ ଛାତ୍ର ଦୀପକ କୁମାର ବିହାରୀ ୨୦୨୨ ନଂ. (୭୭.୭୬) ରଖି ମହାବିଦ୍ୟାଳୟର ବେଷ୍ଟ ଗ୍ରାଜୁଏଟ ଭାବେ କୃତିତ୍ୱ ଅର୍ଜନ କରିଛନ୍ତି। କଳାରେ ୧୦ ଜଣ, ବିଜ୍ଞାନରେ ୬ ଜଣ ଓ ବାଣିଜ୍ୟରେ ଦିପକ କୁମାର ବିହାରୀ ପ୍ରମୁଖ ଯୁକ୍ତ ୩ ଶେଷ ବର୍ଷ ମେରିଟ ଲିଷ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ତ୍ରିପାଠୀ, ପରୀକ୍ଷା ନିୟନ୍ତ୍ରକ ଡ.ଗୋପାଳ ଚନ୍ଦ୍ର ନନ୍ଦ, ଉପ ପରୀକ୍ଷା ନିୟନ୍ତ୍ରକ ଜୀବନବନ୍ଧୁ ଦାସ, ପ୍ରଧ୍ୟାପକ ବାଣିଜ୍ୟ ବିଭାଗ ଡ. ଆବୁ ତାହିର ଓ ଉଦ୍ଭିଦ ବିଜ୍ଞାନର ପ୍ରଧ୍ୟାପକ ଡ. ବିନୋଦ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀବଳଦେବଜୀଉଙ୍କ ପ୍ରତିଷ୍ଠା ଉତ୍ସବ

**ଯାଜପୁରରୋଡ,୨୭।୫(ନି.ପ୍ର.)**

ଜହ୍ନାସ୍ଥିତ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରତିଷ୍ଠାର ୧୬ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞ, ବଳଦେବଜୀଉଙ୍କ ବଡସିଂହାର ବେଶ, ଷୋଡ଼ଶୋପଚାର ପୂଜା କରାଯାଇଥିଲା। ଭଜନ କୀର୍ତ୍ତନରେ ମନ୍ଦିର ପରିସର ମୁଖରିତ ହୋଇଉଠିଥିଲା। ମନ୍ଦିର ଟ୍ରଷ୍ଟିର ମୁଖ୍ୟ କର୍ତ୍ତା ଓ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ବୋଇତେଇ ଓ ତାଙ୍କ ସ୍ତ୍ରୀ ଅନିତା ବୋଇତେଇ ମହାଯଜ୍ଞରେ କର୍ତ୍ତାକର୍ତ୍ତୀଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତ ବର୍ଷ ବଳଦେବଜୀଉଙ୍କ ସନ୍ଧ୍ୟା ବଡସିଂହାର ବେଶ ବେଶ ମନୋରମ ହୋଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦେଖି ଭାବବିହ୍ୱଳ ହୋଇଉଠିବା ସହ ଭଜନ କୀର୍ତ୍ତନରେ ମଜିଯାଇଥିଲେ।

## ୩୨ ବର୍ଷ ପରେ ଏକାଠି ହେଲେ ବନ୍ଧୁ



**ଯାଜପୁର ରୋଡ,୨୭।୫(ନି.ପ୍ର.)**

ସ୍ଥାନୀୟ ଏକ ହୋଟେଲରେ ରବିବାର ବ୍ୟାସନଗର ହାଇସ୍କୁଲର ୧୯୮୭ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସେ ସମୟର ଗୁରୁମା ଗୁରୁଜୀଙ୍କୁ ପୂଜାର୍ଚ୍ଚନା କରାଯାଇ ଉପଢୌକନ ପ୍ରଦାନ କରାଯାଇଥିଲା। ଗୁରୁମା ଗୁରୁଜୀ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ କରିଥିଲେ। ପୁରାତନ ଛାତ୍ରୀଛାତ୍ର ପୂଜ୍ୟପୂଜାକୁ ସମ୍ମାନ ଦେଉଥିବାରୁ ଗୁରୁମାନେ ପ୍ରଶଂସା କରିଥିଲେ। ପରେ ୨ ସ୍ୱର୍ଗତ ଶିକ୍ଷକ ଗଣେଶ ଚନ୍ଦ୍ର ଶତପଥୀ ଓ ରଘୁନାଥ ବେହେରାଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘବର୍ଷ ପରେ ସାଙ୍ଗମାନେ ଏକାଠି ହୋଇଥିବାରୁ ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଇଥିଲା। ସମସ୍ତେ ମନ ଖୁସିରେ କଥାବାର୍ତ୍ତା ହୋଇ ପୁରୁଣା ସ୍ମୃତି ସାଉଁଟିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ରନାଥ ବେଉରିଆ, ବନମାଳୀ ଆଚାର୍ଯ୍ୟ, ପଣ୍ଡିତ ନଟବର ସତପଥି, ଧରଣୀଧର ରାଉତ ଓ କର୍ମଚାରୀ ଗୋବିନ୍ଦ ସାହୁ (ପାଲ ଭାଇ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ବନ୍ଧୁମିଳନରେ ଯୋଗଦେଇଥିଲେ।

### ନିର୍ବାଚନୀ ଫଳାଫଳକୁ ନେଇ ବିଜେଡି ସଭାପତିଙ୍କ ସମୀକ୍ଷା

# ଚିନ୍ତା ବଢ଼ାଇଛି ଏମ୍‌ପି, ବିଧାୟକଙ୍କ ବିଜୟ ବ୍ୟବଧାନ

**ରସୁଲପୁର,୨୭।୫(ଡିଏନଏ)**

ଚଳିତ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ସରିଛି। ସାମଗ୍ରିକ ଭାବେ ଫଳାଫଳ ଆଞ୍ଚଳିକ ଦଳ ବିଜେଡି ସପକ୍ଷରେ ଯାଇଛି। ଲୋକସଭା କ୍ଷେତ୍ରରେ ୧୨ ଓ ବିଧାନସଭା କ୍ଷେତ୍ରରେ ୧୧୨ଟି ଆସନ ବିଜେଡିକୁ ମିଳିଛି। ଏହାକୁ ନେଇ ଦଳୀୟ ସଭାପତି ନବୀନ ପଟ୍ଟନାୟକ ଯେତିକି ଖୁସି ନାହାନ୍ତି, ବିରୋଧୀ ଭାଜପାଙ୍କ ଭୋଟ ହାର ବଢ଼ିବା ନେଇ ସେ ବିଶେଷ ଚିନ୍ତିତ ଥିବା ଚର୍ଚ୍ଚା ହେଉଛି। ଅନେକ ଜିଲାରେ ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଫଳାଫଳ ପ୍ରଭାବିତ ହୋଇଛି। ବିଧାୟକ ଓ ଏମ୍‌ପିଙ୍କୁ ମିଳିଥିବା ଭୋଟରେ ଅଧିକ ବ୍ୟବଧାନ ଦେଖାଦେଇଛି। ଏହି କ୍ରମରେ ଯାଜପୁର ଜିଲା ମଧ୍ୟ ରହିଛି। ଜିଲାର ରସୁଲପୁର ବ୍ଲକ ଅଧୀନ ୩ଟି ନିର୍ବାଚନ ମଣ୍ଡଳୀରୁ ଧର୍ମଶାଳା ଓ କୋରେଇରେ ଏମ୍‌ପି ଓ ବିଧାୟକଙ୍କୁ ମିଳିଥିବା ଭୋଟରେ ଏକ ବଡ ବ୍ୟବଧାନ ପରିଲକ୍ଷିତ ହୋଇଛି। ସମଗ୍ର ରାଜ୍ୟରେ ଦଳୀୟ ବିଧାୟକ ଓ ଏମ୍‌ପିଙ୍କୁ ମିଳିଥିବା ଭୋଟକୁ ନେଇ ଦଳୀୟ ମୁଖିଆ ସମୀକ୍ଷା ଆରମ୍ଭ କରିଛନ୍ତି। ଏହାକୁ ନେଇ ଧର୍ମଶାଳା ଓ କୋରେଇ ନିର୍ବାଚନ ମଣ୍ଡଳୀର ନେତା, ଦଳୀୟ ସଂଗଠକ, ଜିଲା ପର୍ଯ୍ୟବେକ୍ଷକଙ୍କ ଚିନ୍ତା ବଢିଯାଇଛି। ସେମାନଙ୍କ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଭୟ ଘାରିଛି। ଭୋଟ ବ୍ୟବଧାନକୁ ନେଇ ଦଳୀୟ ମୁଖିଆଙ୍କୁ କେମିତି ବୁଝାଇବେ ସେ ନେଇ କସରତ ଆରମ୍ଭ ହୋଇଯାଇଥିବା କୁହାଯାଉଛି।

ଏହି ବ୍ଲକ ଅଧୀନରେ ଥିବା ୩ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ବରୀ ଓ କୋରେଇ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବଦଳ କରିଥିଲା। ମାତ୍ର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଦଳୀୟ ଟିକେଟ ମିଳିଥିଲା। ଏହାଛଡା ଦଳ ଯାଜପୁର ଲୋକସଭା ସଂସଦୀୟ କ୍ଷେତ୍ରରେ ମଧ୍ୟ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ପୂର୍ବତନ ଏମ୍‌ପି ରୀତା ତରାଇଙ୍କ ବଦଳରେ ପ୍ରଶାସିକା ଶର୍ମିଷ୍ଠା ସେଠୀଙ୍କୁ ଦଳ ପ୍ରାର୍ଥୀ କରିଥିଲା। ସେଠୀ ନବୀନ ପଟ୍ଟନାୟକ କାର୍ଯ୍ୟାଳୟର ଅତ୍ୟନ୍ତ ବିଶ୍ୱସ୍ତ ଥିଲେ। ସେହି ଦୃଷ୍ଟିରୁ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଏହାଛଡା ଏମ୍‌ପି ପ୍ରାର୍ଥିନୀଙ୍କ ଶାଶୁଘର ରସୁଲପୁର ବ୍ଲକ ଅଞ୍ଚଳରେ। ମାତ୍ର ଚଳିତ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ସେଠୀ ଧର୍ମଶାଳା ନିର୍ବାଚନମଣ୍ଡଳୀକୁ ନିଜ କର୍ମକ୍ଷେତ୍ର ମନେକରି ଜାରକାରୁ ଜିଲାର ୭ଟି ବିଧାନସଭା କ୍ଷେତ୍ରକୁ ନିୟନ୍ତ୍ରଣ କରିଥିଲେ। ଯଦିଓ ଜିଲାରେ ଏମ୍‌ପିଙ୍କର ନିଜସ୍ୱ ସଂଗଠନ ନାହିଁ, ସେମାନେ ବିଧାୟକଙ୍କ ଭୋଟ ବ୍ୟାଙ୍କକୁ ନିଜର ଭୋଟପୁଣି ଭାବେ ବିବେଚନା କରୁଥିବା ନଜର ରହିଛି । ମାତ୍ର ଏଥର ନିର୍ବାଚନରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଏମ୍‌ପି ପ୍ରାର୍ଥୀ ଅମୀୟକାନ୍ତ ନିଜ ନିର୍ବାଚନ ମଣ୍ଡଳୀରେ ଦବଦବା ଦେଖାଇଛନ୍ତି। ମାତ୍ର ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ କ୍ଷେତ୍ରରେ ତାହା ସମ୍ଭବ ହୋଇନାହିଁ। ନିଜସ୍ୱ ନିର୍ବାଚନ ମଣ୍ଡଳୀ ବୋଲି ମନେ କରୁଥିବା ଧର୍ମଶାଳାରେ ସେ ବିଧାୟକଙ୍କ ଭୋଟଠାରୁ କମ୍ ଭୋଟ ପାଇଛନ୍ତି। ଏପରିକି ଏମ୍‌ପି ପ୍ରାର୍ଥିନୀ ସେଠୀ ବିଧାୟକଙ୍କ ପଞ୍ଚାୟତର ୬ଟି ବୁଥ୍‌ରୁ ୪୬୯ଖଣ୍ଡ ଭୋଟ କମ୍ ଭୋଟ ପାଇଛନ୍ତି। ଏଭଳି ଘଟିବା ପଛରେ କେତେଗୁଡ଼ିଏ କାରଣ ରହିଛି। ସେଗୁଡ଼ିକ ହେଉଛି ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କ ମଧ୍ୟରେ ସମନ୍ୱୟର ଅଭାବ। ବିଧାୟକମାନେ ନିଜ ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଏମ୍‌ପିଙ୍କ ଭୋଟ ବଢ଼ାଇବା ପ୍ରତି ଧ୍ୟାନ ଦେଇ ନ ଥିଲେ। ଏମ୍‌ପିଙ୍କ ପ୍ରାର୍ଥୀତ୍ୱକୁ ବିଧାୟକ ସହଜରେ ଗ୍ରହଣ ନ କରିବା ଓ ପୂର୍ବରୁ ଏମ୍‌ପିଙ୍କ ପାଇଁ ବିଧାୟକମାନେ ଆପଣଉଥିବା ରଣନୀତିକୁ ପାଳନ କରିବାରେ ଖିଲାପ କରିବା ଆଦି ପ୍ରମୁଖ କାରଣ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ପରିଣାମ ସ୍ୱରୂପ ବିଧାୟକ ପ୍ରାର୍ଥୀ ବଳବନ୍ତରାଏ ଭାଜପା ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡାଙ୍କଠାରୁ ୫୨,୭୩୯ଖଣ୍ଡ ଭୋଟରେ ଅଗ୍ରଣୀ ଲାଭ କରିଥିବାବେଳେ ସେହି କ୍ଷେତ୍ରରେ ଏମ୍‌ପି ପ୍ରାର୍ଥିନୀ ସେଠୀ ଭାଜପା ପ୍ରାର୍ଥୀଙ୍କଠାରୁ ୩୯,୩୭୮ଖଣ୍ଡ ଭୋଟରେ ଅଗ୍ରଣୀ ଲାଭ କରିଛନ୍ତି। ବିଧାୟକଙ୍କଠାରୁ ଏମ୍‌ପିଙ୍କ ବିଜୟ ବ୍ୟବଧାନ ୧୩ହଜାରରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ଏଠାରେ ୨୦୧୪ ନିର୍ବାଚନ ଧାରାକୁ ଦେଖିଲେ ଜଣାଯାଏ ଯେ, ଏମ୍‌ପି ରୀତା ତରାଇ ୩ଲକ୍ଷ୨୧ହଜାର ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତରାଇ ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଧର୍ମଶାଳା ବିଧାୟକଙ୍କ ପିତା ସ୍ୱର୍ଗତ କଳ୍ପତରୁ ଦାସ ନିର୍ବାଚନ ପରିଚାଳନା କରୁଥିଲେ। ସେ ଏମ୍‌ପିଙ୍କ ପାଇଁ ପ୍ରସ୍ତୁତ କରିଥିବା ସ୍ୱତନ୍ତ୍ର ରଣନୀତି ଚଳିତ ନିର୍ବାଚନରେ ଲାଗୁ କରାଯାଇ ନାହିଁ ବୋଲି ଚର୍ଚ୍ଚା ହେଉଛି। ଫଳରେ ଚଳିତଥର ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନ ୧,୦୪୩୦୫କୁ ଖସି ଆସିଛି। ଏହି ଧାରାରେ କୋରେଇ ନିର୍ବାଚନମଣ୍ଡଳୀ ବି ସାମିଲ ରହିଛି। ଏଠାରେ ଏମ୍‌ପି ପ୍ରାର୍ଥିନୀଙ୍କୁ ବିଧାୟକଙ୍କ ତୁଳନାରେ ୧୬,୫୫୭ ଖଣ୍ଡ ଭୋଟ କମ୍ ମିଳିଛି। ବିଧାୟକ ପ୍ରାର୍ଥୀ ଅଶୋକ କୁମାର ବଳ ୩୦,୮୨୮ ଖଣ୍ଡ ଭୋଟରେ ଅଗ୍ରଣୀ ଲାଭ କରିଥିବାବେଳେ ଏମ୍‌ପି ସେଠୀ ମାତ୍ର ୧୪,୨୭୧ ଖଣ୍ଡ ଭୋଟରେ ଅଗ୍ରଣୀ ଲାଭ କରିଛନ୍ତି। ଏହାଛଡା ଏଠାରେ କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ବନ୍ଦିତା ପରିଡା ୩ୟ ସ୍ଥାନରେ ରହିଛନ୍ତି। ଯିଏକି ମୋଟ ୨୮,୩୬୫ ଖଣ୍ଡ ଭୋଟ ପାଇ ଜିଲାରେ କଂଗ୍ରେସ ପ୍ରାର୍ଥୀ ଭାବେ ସର୍ବାଧିକ ଭୋଟ ପାଇଛନ୍ତି। ସେହି ହାରରେ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ମାନସ ଜେନାଙ୍କ ସପକ୍ଷରେ ୨୩,୦୯୮ ଖଣ୍ଡ ଭୋଟ ଯାଇଛି। ଯାହାକି ଜିଲାରେ ଦଳୀୟ ପ୍ରାର୍ଥୀ ପାଇଥିବା ଭୋଟର ପାଖାପାଖି ଅଧା ବୋଲି ଜଣାପଡ଼ିଛି। ଏଥି ଯୋଗୁ ବିଜେଡି ବିଧାୟକ ଓ ଏମ୍‌ପିଙ୍କ ମଧ୍ୟରେ ଭୋଟ ବ୍ୟବଧାନ ବଢ଼ିଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଏସବୁ ସତ୍ତ୍ୱେ ବିଧାୟକ ଓ ଏମ୍‌ପିଙ୍କ ମଧ୍ୟରେ ଭୋଟ ବ୍ୟବଧାନକୁ ଖୋଦ୍ ମୁଖ୍ୟମନ୍ତ୍ରୀ ସମୀକ୍ଷା କରୁଛନ୍ତି। ଫଳରେ ବିଧାୟକଙ୍କ ମଧ୍ୟରେ ଛନକା ପଶିଛି । ନିର୍ବାଚନରେ ଦଳରେ ଅନ୍ତର୍ଘାତି କାର୍ଯ୍ୟ କରିବା ପ୍ରମାଣିତ ହେଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମ୍ଭାବନା ଭୟ ବି ରହିଛି।

- ଧର୍ମଶାଳା ଓ କୋରେଇ ନିର୍ବାଚନମଣ୍ଡଳୀରେ ଅଧିକ ରହିଛି ଏହି ବ୍ୟବଧାନ
- ପ୍ରଣବଙ୍କଠାରୁ ଶର୍ମିଷ୍ଠାଙ୍କ ବିଜୟ ବ୍ୟବଧାନ ୧୩ ହଜାରରୁ ଊର୍ଦ୍ଧ୍ୱ
- ୧,୦୪୩୦୫କୁ ଖସିଛି ବିଜେଡି ଏମ୍‌ପି ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନ

